ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.314 Bhubaneswar Tuesday January 31 2023 | ୨୫ତମ ବର୍ଷ ସଂଖ୍ୟା–୩୧୪ ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୩୧, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ସତରେ କ'ଣ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ସୁପରିକଳ୍ପିତ ? ୮ ସମ୍ଭାବ୍ୟ କାରଣ

ଭୁବନେଶ୍ୱର,୩୦।୧(ପି.ଏନ):ପଶ୍ଚିମ ଓଡିଶାର ସର୍ବାଧିକ ପ୍ରଭାବଶାଳୀ ତଥା ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ଗତକାଲି ତାଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଏଏସଆଇ ଗୋପାଳକୃଷ୍ଣ ଦାସଙ୍କ ଗୁଳିରେ ନିହତ ହୋଇଛନ୍ତି। ଗୋପାଳ ତାଙ୍କୁ ହତ୍ୟା କରିବା ପଛର ସମ୍ଭାବ୍ୟ କାରଣକୁ ନେଇ ନାନାଦି ଚର୍ଚ୍ଚା ଓ ଆଲୋଚନା ହେଉଥିଲେ ମଧ୍ୟ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଂଚ୍ ଓ ଜିଲ୍ଲା ପୁଲିସର ନିରବତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଥିଲାବେଳେ ପରିବାର ସଦସ୍ୟ ଓ ବିରୋଧୀ ଦଳଗୁଡିକ ହତ୍ୟା ପଛରେ ଷଡଯନ୍ତ୍ରର ଗନ୍ଧ ବାରିବା ପରେ ରାଜ୍ୟ ପୁଲିସର ତଦନ୍ତ ପ୍ରକ୍ରିୟା ଓ ବିଶ୍ୱସନୀୟତା ଉପରେ ଅଙ୍ଗୁଳି ଉଠିଛି । ଅଭିଯୁକ୍ତ ଗୋପାଳ ଦାସଙ୍କୁ ମାନସିକ ରୋଗୀ ଦର୍ଶାଇବାକୁ ଚାଲିଥିବା ଜୋରଦାର ଉଦ୍ୟମ ଓ ଅନ୍ୟ ପାରିପାର୍ଶ୍ୱିକ ପରିସ୍ଥିତି ହିଁ ନବଙ୍କ ମୃତ୍ୟୁ ସୁପରିକଳ୍ପିତ ଥିବା ଆଡକୁ ଇଙ୍ଗିତ କରୁଛି ।ନବଙ୍କୁ ଗୁଳିମାଡଠୁ ଆରମ୍ଭ କରି ତାଙ୍କ ଶବ ସଂସ୍କାର କରାଯିବା ପର୍ଯ୍ୟନ୍ତ ଘଟଣାକ୍ରମ ଓ ପାରିପାର୍ଶ୍ୱିକ ସ୍ଥିତି ଏବଂ ବିଶେଷକରି ପୁଲିସର ନିରବତା ହିଁ ଗୋପାଳଙ୍କ କାନ୍ଧରେ ବନ୍ଧୁକ ରଖି କେହି ତାଙ୍କୁ ହତ୍ୟା କରିଥାଇପାରେ ବୋଲି ଆଶଙ୍କା କରାଯାଉଛି । ୨୦୧୯ ସାଧାରଣ ନିର୍ବାଚନ ପରଠୁ ପଶ୍ଚିମଓଡିଶାରେ ସର୍ବାଧିକ ପ୍ରଭାବଶାଳୀ ନେତା ଭାବେ ଉଭା ହୋଇଥିବା ନବଙ୍କ ରାଜନୀତିକ ପତିଆରା ବୃଦ୍ଧି, କିଛି ପାୱାରଫୁଲ ନେତା ଓ ଅଫିସରଙ୍କ ସହ କୋଇଲା ପରିବହନ ବ୍ୟବସାୟ ହିଁ ତାଙ୍କ ହତ୍ୟାର ଅନ୍ୟତମ କାରଣ ହୋଇଥାଇପାରେ ବୋଲି ସନ୍ଦେହ ଓ ଚର୍ଚ୍ଚା ହେଉଛି । ଯଦିଓ ସର୍ବସମ୍ମୁଖରେ ପୁଲିସ ଏଏସଆଇ ଗୋପାଳ ତାଙ୍କୁ ଗୁଳି କରି ହତ୍ୟା କରିଥିବା ନେଇ ସଙ୍ଗେ ସଙ୍ଗେ ପୁଲିସ ଏସଡିପିଓ ଗୁପ୍ତ ?ଶ୍ୱର ଭୋଇ କହିଛନ୍ତି ଓ ବ୍ରଜରାଜନଗର ଥାନା ଆଇଆଇସି ଦାଖଲ କରିଥିବା ଏତଲାରେ ଗୋପାଳଙ୍କୁ ହତ୍ୟାକାରୀ ଦର୍ଶାଯାଇଛି, ତଥାପି ଗୋପାଳଙ୍କୁ ନିର୍ଦ୍ଦୋଷରେ ଖସାଇ ଦେବା ପାଇଁ ମଧ୍ୟ ଅତ୍ୟନ୍ତ ଚତୁରତାର ସହ ଗତକାଲିଠୁ ପ୍ରୟାସ ଜୋରଦାର ହୋଇଛି ।




## ଶିଷ୍ୟାଙ୍କୁ ଦୁଷ୍କର୍ମ ମାମଲାରେ ଆଶାରାମ ଦୋଷୀ, ମଙ୍ଗଳବାର ଦଣ୍ଡ ଶୁଣାଇବେ ଗାନ୍ଧୀନଗର କୋର୍ଟ

ନୂଆଦିଲ୍ଲୀ,୩୦।୧(ପି.ଏନ): ଗୁଜରାଟ ଗାନ୍ଧୀନଗର କୋର୍ଟ ଶିଷ୍ୟାଙ୍କ ସହ ଦୁଷ୍କର୍ମ ମାମଲାରେ ସୋମବାର ଆଶାରାମ ବାପୁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ୨୦୧୩ ମସିହାରେ ସୁରଟର ଦୁଇ ଭଉଣୀଙ୍କ ସହ ଦୁଷ୍କର୍ମ ମାମଲାରେ ଗାନ୍ଧୀନଗର ସେସନ କୋର୍ଟରେ ଆଶାରାମ ବାପୁଙ୍କୁ ଦୋଷୀ ପ୍ରମାଣିତ ହୋଇଛନ୍ତି । ଆଶାରାମଙ୍କ ପୁଅ ନାରାୟଣ ସାଇ ମଧ୍ୟ ଏହି ମାମଲାରେ ଅଭିଯୁକ୍ତ ଥିଲେ ।ଏହି ମାମଲାରେ ଆଶାରାମଙ୍କ ପତ୍ନୀ ଲକ୍ଷ୍ମୀ, ଝିଅ ଭାରତୀ ଏବଂ ଅନ୍ୟ ଚାରି ମହିଳା ଅଭିଯୁକ୍ତ ଥିଲେ । ଏହି ସମସ୍ତଙ୍କୁ ଗାନ୍ଧୀନଗର କୋର୍ଟ ଦୋଷମୁକ୍ତ କରିଥିଲେ । ଆଶାରାମ ବର୍ତ୍ତମାନ ସମୟରେ ଯୋଧପୁର ଜେଲରେ ବନ୍ଦୀ ଅଛନ୍ତି । ଆସନ୍ତାକାଲି ଆଶାରାମଙ୍କୁ ଦଣ୍ଡ ଶୁଣାଇବେ କୋର୍ଟ । ୨୦୧୩ ମସିହାରେ ସୁରଟର ଦୁଇ ଭଉଣୀ ନାରାୟଣ ସାଇ ଏବଂ ତାଙ୍କ ବାପା ଆଶାରାମଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ । ସାନ ଭଉଣୀ ଅଭିଯୋଗ ଆଣିଥିଲେ ଯେ ନାରାୟଣ ସାଇ ୨୦୦୨ରୁ ୨୦୦୫ ମଧ୍ୟରେ ତାଙ୍କ ସହ ବାରମ୍ବାର ଦୁଷ୍କର୍ମ କରିଥିଲେ । ଅନ୍ୟପଟେ ବଡ଼ ଭଉଣୀ ଆଶାରାମଙ୍କ ଉପରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ । ପୀଡିତା ଏହା ମଧ୍ୟ କହିଥିଲେ ଯେ ଆହମଦାବାଦ ଆଶ୍ରମରେ ଆଶାରାମ ତାଙ୍କ ସହ ଅନେକ ଥର ଦୁଷ୍କର୍ମ କରିଥିଲେ ।ଆଶାରାମ ବର୍ତ୍ତମାନ ସମୟରେ ଯୋଧପୁରର ଏକ ଜେଲରେ ବନ୍ଦୀ ଅଛନ୍ତି । ୨୦୧୮ ମସିହାରେ ଯୋଧପୁରର ଏକ କୋର୍ଟ ଅନ୍ୟ ଏକ ଯୌନ ନିର୍ଯାତନା ମାମଲାରେ ଆଶାରାମଙ୍କୁ ଆଜୀବନ ଦଣ୍ଡ ଦେଶ ଶୁଣାଇଥିଲେ ।ଜେଲରେ ବନ୍ଦୀ ଥିବା ଆଶାରାମ ବାପୁ ନିକଟରେ କୋର୍ଟରେ ଜାମିନ ଆବେଦନ କରିଥିଲେ । ନିଜ ଆବେଦନରେ ଆଶାରାମ କହିଥିଲେ ଯେ ଗତ ୧୦ ବର୍ଷରୁ ଜେଲରେ ବନ୍ଦୀ ଅଛି, ବୟସ ୮୦ ବର୍ଷରୁ ଅଧିକ । ଅନେକ ରୋଗରେ ପୀଡିତ ଅଛି । ସୁପ୍ରିମକୋର୍ଟ ଜାମିନ ଯାଚିକା ଉପରେ ସହାନୁଭୂତିପୂର୍ବକ ବିଚାର କରି ଜାମିନ ପ୍ରଦାନ କଲେ ଉଚିତ ଚିକିତ୍ସା ପାଇପାରିବେ ।




## ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ : କଂଗ୍ରେସ

ଭୁବନେଶ୍ୱର, ୩୦।୧(ପି.ଏନ): ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳି କରି ହତ୍ୟା ମାମଲାରେ ମୁଖ୍ୟମନ୍ତ୍ରୀଙ୍କୁ କଂଗ୍ରେସ ଟାର୍ଗେଟ କରିଛି । କଂଗ୍ରେସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ଇସ୍ତଫା ଦାବି କରିଛି । କଂଗ୍ରେସର ବରିଷ୍ଠ ବିଧାୟକ ସନ୍ତୋଷ ସିଂହ ସାଲୁଜା କହିଛନ୍ତି ଯେ ରାଜ୍ୟରେ ଆଇନ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ବିପର୍ଯ୍ୟସ୍ତ ହୋଇ ପଡିଛି । ଗୃହ ବିଭାଗର ଦାୟିତ୍ୱରେ ଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଇସ୍ତଫା ଦେବା ଉଚିତ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ମନ୍ତ୍ରୀଙ୍କୁ ପୋଲିସ ମାରିଛି ।

### କୋଇଲା ବୋଝେଇ ଟ୍ରକ୍‌ରେ ଅଗ୍ନିକାଣ୍ଡ; ଜୀବନ୍ତ ଜଳିଗଲେ ଚାଳକ

କାମାକ୍ଷାନଗର ୩୦।୧(ପି.ଏନ): କୋଇଲା ବୋଝେଇ ଟ୍ରକ୍‌ରେ ଅଗ୍ନିକାଣ୍ଡ। ଏହି ଟ୍ରକଟି ରାସ୍ତାରେ ଯିବାବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଏପରି ଅଘଟଣ ହୋଇଛି। ଏଥିରେ ଟ୍ରକ୍ ଚାଳକ ଜଣଙ୍କ ଜୀବନ୍ତ ଜଳିଯାଇଥିବା ଦେଖିବାକୁ ମିଳିଛି। ଏପରି ଏକ ଅଭାବନୀୟ ଘଟଣା ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର୫୩ ନମ୍ବର ଜାତୀୟ ରାଜପଥରେ ବାରିହାପୁର ଆଦର୍ଶ ସ୍କୁଲ ପାଖରେ ହୋଇଛି। ଘଟଣାସ୍ଥଳରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି।

## ନାବାଳିକା ଦୁଷ୍କର୍ମ ମାମଲା : ଉତ୍ତର ପ୍ରଦେଶର ଫେରିବାଲାକୁ ୧୦ ବର୍ଷ ଜେଲ୍ ଓ ଜରିମାନା

କନ୍ଧମାଳ, ୩୦।୧(ପି.ଏନ): ଫୁଲବାଣୀ ପୋକ୍ସୋ କୋର୍ଟ ବିଚାରପତି ସଞ୍ଜିତ କୁମାର ବେହେରା ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ମାମଲାର ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପିଡିତାଙ୍କ ବୟାନ ଆଧାରରେ ଆଜି ମାମଲାର ଅଭିଯୁକ୍ତ ବସିର ଶାହାକୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତକୁ ଆଉ ଅଧିକ ଦେଢବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି। ଏଥିସହ ପୀଡିତାଙ୍କୁ ୬ ଲକ୍ଷ କ୍ଷତିପୂରଣ ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ମାମଲାକୁ ପିଡିତାଙ୍କ ପକ୍ଷରୁ ପି.ପି. ଅସୀମ ପ୍ରହରାଜ ପରିଚାଳନା କରିଥିଲେ। ଘଟଣା ଅନୁସାରେ, କନ୍ଧମାଳର ଏକ ଗ୍ରାମାଚଂଳରେ ଅଭିଯୁକ୍ତ ଉତର ପ୍ରଦେଶ ଅଂଚଳର ବସିର ଶାହା ପାଲ ବିକ୍ରୀ କରୁଥିଲା। ସେହି ଅଂଚଳରେ ପିଡିତା ଘରକୁ ଯାଇ ପାଲ କିଣିବା ପାଇଁ କହିଥିଲା। ପିଡିତା ଘରେ କେହି ନାହାନ୍ତି ବୋଲି କହିବା ସହିତ ପାଲ କିଣିବାକୁ ମନା କରିଥିଲା। ଘରେ ପିଡିତା ଏକୁଟିଆ ଥିବା ସୁଯୋଗରେ ପିଇବା ପାଇଁ ପାଣି ମାଗି ଥିଲା ଅଭିଯୁକ୍ତ। ପିଡିତା ପାଣି ଆଣିବାକୁ ଯିବାବେଳେ ବସିର ଜୋରଜବରଦସ୍ତ ପିଡିତାଙ୍କ ଘରେ ପଶି ତା ସହିତ ଦୁଷ୍କର୍ମ କରିଥିଲା। ଖବର ପାଇ ଗାଁ ଲୋକେ ଅଭିଯୁକ୍ତକୁ କାବୁ କରି ଫିରିଙ୍ଗିଆ ଥାନା ପୋଲିସ ଜିମାରେ ଦେବା ସହ ଏ ସଂକ୍ରାନ୍ତରେ ଥାନାରେ ଏକ ଅଭିଯୋଗ କରିଥିଲେ ପୀଡିତାର ପରିବାର ଲୋକେ। ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଆଜି ସେହି ମାମଲାର ବିଚାର କରି ଉପରୋକ୍ତ ରାୟ ଦେଇଛନ୍ତି ବିଚାରପତି।

### କଳାହାଣ୍ଡିରେ ମୃତ୍ତିକା ସଂରକ୍ଷଣ ଓଭରସିଅର ଲାଂଚ ନେଇ ଗିରଫ

ଭୁବନେଶ୍ୱର, ୩୦।୧(ପି.ଏନ): କଳାହାଣ୍ଡି ଜିଲ୍ଲାର ଥୁଆମୁଳ ରାମପୁରର ମୃତିକା ସଂରକ୍ଷଣ ଓଭରସିଅର ଦୁର୍ଯୋଧନ ଧୋବା ୩୫ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି । ମହାତ୍ମା ଗାନ୍ଧୀ ନରେଗା କାର୍ଯ୍ୟକ୍ରମର ହିତାଧିକାରୀ ମାନଙ୍କର ଅର୍ଥ ମଂଜୁର କରିବାକୁ ସେ ୩୫ ହଜାର ଟଙ୍କା ଲାଂଚ ନେଉଥିଲେ । ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଭିଜିଲାନ୍ସ ବିଭାଗର ଅଧିକାରୀ ମାନେ ତାଙ୍କ ଠାରୁ ସମ୍ପୂର୍ଣ ଲାଂଚ ଟଙ୍କାକୁ ଜବତ କରିଛନ୍ତି । ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇ ଜାଂଚ ଆରମ୍ଭ କରାଯାଇଥିବା ବେଳେ ଆୟ ବହିର୍ଭୁତ ସମ୍ପତି ମାମଲାରେ ମଧ୍ୟ ତାଙ୍କ ସହ ଜଡିତ ଦୁଇଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଥିବା ସୂଚନା ଦିଆଯାଇଛି ।

## ଲୋକ ସେବା ପ୍ରସାରଣର ଉତ୍ତରଦାୟିତ୍ୱ ଉପରେ ମାର୍ଗଦର୍ଶିକା ଜାରି କଲା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ

ନୂଆଦିଲ୍ଲୀ, ୩୦।୧(ପି.ଏନ): ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ "ଭାରତରେ ଟେଲିଭିଜନ ଚାନେଲର ଅପଲିଙ୍କିଙ୍ଗ ଓ ଡାଉନଲିଙ୍କିଙ୍ଗ ପାଇଁ ମାର୍ଗଦର୍ଶିକା" ଜାରି କରାଯାଇଛି। ଏହି ମାର୍ଗଦର୍ଶିକା ସହିତ ଅନ୍ୟାନ୍ୟ ନିୟମ ରହିଛି ଯାହାକୁ ପାଳନ କରିବା ଲାଗି ଘରୋଇ ଟିଭି ଚାନେଲମାନେ ଉତରଦାୟୀ ରହିବେ । ଭାରତରେ କାର୍ଯ୍ୟ କରୁଥିବା ଘରୋଇ ପ୍ରସାରଣକାରୀମାନେ ସବୁଦିନ ଅତିକମରେ ୩୦ ମିନିଟ୍ ପାଇଁ ଲୋକ ସେବା କାର୍ଯ୍ୟକ୍ରମ ପ୍ରସାରଣ କରିବେ ବୋଲି ଏହି ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି। ଏ ଦିଗରେ, ସୂଚନା ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଘରୋଇ ସାଟେଲାଇଟ୍ ଟିଭି ଚାନେଲ ପ୍ରସାରଣକାରୀ ଓ ସେମାନଙ୍କ ସଂଘଗୁଡ଼ିକ ସହିତ ବ୍ୟାପକ ବିଚାରବିମର୍ଶ କରାଯାଇଥିଲା। ସେମାନଙ୍କ ଠାରୁ ମିଳିଥିବା ପରାମର୍ଶ ଆଧାରରେ ୩୦.୦୧.୨୦୨୩ରେ "ମାର୍ଗଦର୍ଶିକା" ଜାରି କରାଯାଇଛି ।ଏହି "ମାର୍ଗଦର୍ଶିକା" ମାଧ୍ୟମରେ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ପ୍ରସାରଣ କରାଯାଉଥିବା କାର୍ଯ୍ୟକ୍ରମଗୁଡ଼ିକରେ ସନ୍ନିହିତ ପ୍ରାସଙ୍ଗିକ ବିଷୟକୁ ଲୋକ ସେବା ପ୍ରସାରଣ ଭାବେ ଗ୍ରହଣ କରାଯାଇ ପାରିବ ।

## ମଙ୍ଗଳବାରଠୁ ସଂସଦର ବଜେଟ୍ ଅଧିବେଶନ; ଏସବୁ ପ୍ରସଙ୍ଗରେ ଦାବି ଉପସ୍ଥାପନ କରିବ ବିଜେଡି-ସସ୍ମିତ

ନୂଆଦିଲ୍ଲୀ,୩୦।୧(ପି.ଏନ): ଆସନ୍ତାକାଲି ବା ମଙ୍ଗଳବାର ଠାରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନକୁ ସୁରୁଖୁରୁରେ କରିବାକୁ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ସୋମବାର ସର୍ବଦଳୀୟ ବୈଠକ କରିଛନ୍ତି। ବିଜେଡି ପକ୍ଷରୁ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ଏହି ବୈଠକରେ ଯୋଗ ଦେଇଥିଲେ ।ହେବାକୁ ଥିବା ଅଧିବେଶନରେ ମହିଳା ସଂରକ୍ଷଣ ବିଲକୁ ଆଗତ କରିବା ପାଇଁ ଦଳ ଏଥର ପୁଣି ଦାବି କରିବା ସହିତ, କେନ୍ଦୁ ପତ୍ରରୁ ଜିଏସଟି ହଟାଇବା, ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରାଧାନ୍ୟ ରାଜ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଘର ମିଳିବା ହେଉ କି ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ପୁଣି ଆରମ୍ଭ କରିବା, ହୋ ଭୂମିଜ୍ ଭଳି ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ଭଳି ପାଖାପାଖି ୧୦ଟି ଦାବିରେ ସରକାରଙ୍କ ପାଖରେ ଦଳ ପୁଣି ଦାବି ଉଠାଇବ ବୋଲି ସସ୍ମିତ କହିଛନ୍ତି।

## ପୋଲିସ୍ ହେପାଜତରେ ଅଭିଯୁକ୍ତର ମୃତ୍ୟୁ, ଦମ୍ପତିକୁ ହତ୍ୟା କରିବା ଅଭିଯୋଗରେ ହୋଇଥିଲା ଗିରଫ

କେନ୍ଦୁଝର,୩୦।୧(ପି.ଏନ): ପୋଲିସ୍ ହେପାଜତରେ ଅଭିଯୁକ୍ତର ମୃତ୍ୟୁ। ମୃତକ ଜଣକ ହେଉଛନ୍ତି ସୁନ୍ଦରଗଡ଼ ଜିଲ୍ଲା, କେ ବଲାଙ୍ଗ ଥାନା ଚୋରଧରା ଅଞ୍ଚଳର ମିଲୁ ବାରିକ । ଗତ ନଭେମ୍ବର ୨୮ ତାରିଖ ରାତିରେ ବଲାଣୀ ଥାନା ଲସର୍‌ଦ୍ୱାରେ ଏକ ଦମ୍ପତି ଲକ୍ଷ୍ମୀଧର ଆପଟ ଓ ମଞ୍ଜୁଲତା ଆପଟଙ୍କୁ ଗୁଳି କରି ହତ୍ୟା ଘଟଣାର ଜଣେ ଅଭିଯୁକ୍ତ ଥିଲା ମିଲୁ ବାରିକ ।ଘଟଣା ପରଠାରୁ ସେ ଫେରାର ଥିବାବେଳେ ପୋଲିସ୍ ତାକୁ ଖୋଜୁଥିଲା । ଏହି ଡବଲ ମର୍ଡର ଘଟଣାର ଅତିରିକ୍ତ ତଦନ୍ତ ଅଧିକାରୀ ତଥା ବଡ଼ବିଲ ଥାନା ଆଇ ଆଇ ସି ରାଜେନ୍ଦ୍ର ସ୍ୱାଇଁ ଗତ କାଲି ସନ୍ଧ୍ୟା ପ୍ରାୟ ୮ ଟାରେ ରୁଗୁଡ଼ି ଥାନା ଅଞ୍ଚଳରୁ ଅଭିଯୁକ୍ତ ମିଲୁ ବାରିକକୁ ଗୋଡ଼ାଇ ଗୋଡ଼ାଇ ଧରିଥିଲେ । ମାତ୍ର ବିଳମ୍ବିତ ରାତିରେ ଅଭିଯୁକ୍ତ ମିଲୁର ମୃତ୍ୟୁ ଘଟିଥିଲା ।ତେବେ ଏନେଇ ମିଲୁର ପରିବାର ପୋଲିସ୍ ବିରୋଧେରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି । ପୋଲିସ ପ୍ରବଳ ମାଡ଼ ମାରିବା ସହିତ ଗୁଳି କରିବା ଫଳରେ ମିଲୁର ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ଆଣିଛନ୍ତି ମୃତକଙ୍କ ବାପା ଲିନୁ ବାରିକ । ମୃତକଙ୍କ ଶରୀରରେ ବିଭିନ୍ନ ସ୍ଥାନରେ ମାଡ଼ ଓ କ୍ଷତ ଚିହ୍ନ ରହିଥିବା ବେଳେ, ତାଙ୍କୁ ଗୁଳି କରାଯାଉଥିବା ନେଇ ପରିବାର ଲୋକେ ସନ୍ଦେହ ବ୍ୟକ୍ତ କରିଛନ୍ତି। ନ୍ୟାୟ ପାଇଁ ସେମାନେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି ।ସେପଟେ ଏଭଳି ଅଭିଯୋଗକୁ ଖଣ୍ଡନ କରିଛି କେନ୍ଦୁଝର ପୋଲିସ୍। ଅଭିଯୁକ୍ତ ମିଲୁକୁ ରୁଗୁଡ଼ି ଥାନାରେ ପଚରାଉଚରା ବେଳେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲା।

## ୨୪ ଘଣ୍ଟା ପରେ ବି କ୍ରାଇମବ୍ରାଞ୍ଚ ନିରବ, ହତ୍ୟା ପଛରେ ଷଡଯନ୍ତ୍ରର ଗନ୍ଧ ବାରିଲେ ପରିବାର ଓ ବିରୋଧୀ ଦଳ

ଭୁବନେଶ୍ୱର,୩୦।୧(ପି.ଏନ): ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କୁ ପୁଲିସ ଏଏସଆଇ ଗୋପାଳକୃଷ୍ଣ ଦାସ ଗୁଳି ମାରି ହତ୍ୟା କରିବା ଘଟଣା ଅଧିକ ରହସ୍ୟମୟ ହେବାରେ ଲାଗିଛି । ବିରୋଧୀ ଦଳଠୁ ଆରମ୍ଭ କରି ପରିବାର ସଦସ୍ୟମାନେ ଏହି ହତ୍ୟା ପଛରେ ସୁଚିନ୍ତିତ ଷଡଯନ୍ତ୍ର ଅଛି ବୋଲି ଅଭିଯୋଗ କରୁଥିବାବେଳେ ସେଭଳି ବଳିଷ୍ଠ କାରଣ ନଥାଇ ସର୍ବସମ୍ମୁଖରେ ନବଙ୍କୁ କାହିଁକି ଗୋପାଳ ଗୁଳିମାଡ କଲେ ତାକୁ ସାଧାରଣରେ କେହି ସହଜରେ ହଜମ କରିପାରୁନାହାନ୍ତି । ଆଉ ଘଟଣାର ୨୪ଘଂଟା ପରେ ବି ହତ୍ୟାର କାରଣ ସମ୍ପର୍କରେ ପୁଲିସ ଓ କ୍ରାଇମବ୍ରାଂଚ୍ ଉଭୟ ନିରବଦ୍ରଷ୍ଟା ସାଜିଛନ୍ତି ।ଏସବୁ ଭିତରେ ପୁଲିସ ଏଏସଆଇ ଗୋପାଳକୃଷ୍ଣଙ୍କୁ ମାନସିକ ରୋଗୀ ଦର୍ଶାଇବା ପାଇଁ ବେଶ୍ ସୁନିୟୋଜିତ ଢଙ୍ଗରେ ପ୍ରକ୍ରିୟା ଆରମ୍ଭ ହୋଇଛି । ତେବେ ନବ ଦାସଙ୍କୁ ଗୁଳିମାଡ ହେବା ପରଠୁ ତାଙ୍କ ଶବକୁ ସଂସ୍କାର କରାଯିବା ପର୍ଯ୍ୟନ୍ତ ଘଟଣାକ୍ରମ ଓ ପାରିପାର୍ଶ୍ୱିକ ପରିସ୍ଥିତିକୁ ଦେଖିଲେ ଏହା ସାଧାରଣ ହତ୍ୟା ନୁହେଁ ବରଂ ଗୋପାଳଙ୍କୁ ସୁପାରି କିଲର ଭାବେ ଉପଯୋଗ କରାଯାଇଥିବା ଚର୍ଚ୍ଚା ହେଉଛି ।ନବ ଦାସଙ୍କ ହତ୍ୟା ଘଟଣାକୁ ନେଇ ତାଙ୍କ ନିଜ କାକା ଅଭିଯୋଗ କରିଛନ୍ତି, ଏ ହତ୍ୟା ପଛରେ ଶୀର୍ଷସ୍ତରର ଷଡଯନ୍ତ୍ର ହୋଇଛି । ବଡବଡିଆଙ୍କ ହାତ ରହିଛି । ହତ୍ୟା ପଛରେ କୌଣସି ବ୍ୟବସାୟିକ ଶତ୍ରୁତା ନାହିଁ । ଗୋପାଳ ଦାସଙ୍କ ମୁଣ୍ଡ ଠିକ୍ ନଥିବା କେବଳ ପ୍ରଚାର କରାଯାଉଛି । ନବ ଦାସଙ୍କ ପିଉସୀ ପୁଅ ଭାଇ ମଧ୍ୟ ଗଣମାଧ୍ୟମ ଆଗରେ ଅନୁରୂପ ଅଭିଯୋଗ କରିଛନ୍ତି ।ସେହିପରି କଂଗ୍ରେସ ବିଧାୟକ ଦଳ ନେତା ତଥା ବରିଷ୍ଠ ଓକିଲ ନରସିଂହ ମିଶ୍ର କହିଛନ୍ତି ଯେ, ଏହା ସୁଚିନ୍ତିତ ଯୋଜନାବଦ୍ଧ ହତ୍ୟା । ଏହା ସାଧାରଣ ହତ୍ୟା ନୁହେଁ, ଗୁ? ରହସ୍ୟ ଥିବ । ହତ୍ୟାକାରୀକୁ ମାନସିକ ରୋଗୀ କୁହାଯିବା ବି ବିଶ୍ୱାସଯୋଗ୍ୟ ନୁହେଁ । ଯଦି ମାନସିକ ରୋଗୀ, ତା'ହେଲେ ହତ୍ୟା ପାଇଁ ସରକାର ଦାୟୀ । ପୁଲିସ ଯଦି ଅପରାଧୀଙ୍କୁ ସାଲ୍ୟୁଟ୍ ମାରିବ, ଅପରାଧ ନିୟନ୍ତ୍ରଣ କିପରି କରିବ ? ଗୁଇନ୍ଦା ବିଭାଗ ଠିକ୍ ଭାବେ କାମ କରୁନି ବୋଲି ଏହି ହତ୍ୟାରୁ ପ୍ରମାଣିତ ହୋଇଛି । ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ହୋଇନି, ସେଥିପାଇଁ ମୁଖ୍ୟମନ୍ତ୍ରୀ ଦାୟୀ ବୋଲି ସେ କହିଛନ୍ତି । କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ମଧ ଘଟଣା ପଛରେ ଷଡଯନ୍ତ୍ରର ଗନ୍ଧ ବାରିଛନ୍ତି ।



## ମନୋମାଳିନ୍ୟ ପରେ ଏକାଠି ହେଲେ ହ୍ୟୁମାନ୍ ଓ ଶ୍ରୀୟା

କଟକ,୩୦।୧(ପି.ଏନ): ମନୋମାଳିନ୍ୟ ପରେ ଏକାଠି ହେଲେ ରୋମାଣ୍ଟିକ୍ ବୟ ହ୍ୟୁମାନ ସାଗର ଓ ପତ୍ନୀ ଶ୍ରୀୟା ମିଶ୍ର। ଉଭୟଙ୍କ ଭିତରେ ଉଠିଥିବା ପାରିବାରିକ ଝଡ ସମାଧାନ ହୋଇଛି। ଏକାଠି ରହିବା ପାଇଁ ଉଭୟ ମନସ୍ତ କରିଛନ୍ତି। ଆଜି ବସିଥିବା ଦ୍ୱିତୀୟ ପର୍ଯ୍ୟାୟ ଆପୋଶ ବୁଝାମଣା ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି।ହ୍ୟୁମାନ ଓ ତାଙ୍କ ପତ୍ନୀ ଶ୍ରୀୟାଙ୍କ ମଧ୍ୟରେ ପାରିବାରିକ ବିବାଦ ଦେଖାଦେଇଥିଲା। ସମାଧାନର କୌଣସି ରାସ୍ତା ବାହାରି ପାରୁନଥିଲେ। ଯେଉଁଥିପାଇଁ ଶ୍ରୀୟା ତାଙ୍କ ବାପ ଘରକୁ ପଳାଇ ଯାଇଥିଲେ। ପରେ ଏନେଇ କଟକ କମିଶନରେଟ ପୁଲିସ୍‌ରେ ଅଭିଯୋଗ କରିଥିଲେ। ସ୍ୱାମୀ ହ୍ୟୁମାନଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ ଶ୍ରୀୟା। ପୁଲିସ୍ ଅଭିଯୋଗକୁ ଭିତ୍ତି କରି ହ୍ୟୁମାନଙ୍କୁ ଥାନାକୁ ଡାକି ଆପୋଶବୁଝାମଣା ପାଇଁ ଚେଷ୍ଟା କରିଥିଲା ପୁଲିସ୍। ପ୍ରଥମ ପର୍ଯ୍ୟାୟ ଆପୋଶ ବୁଝାମଣା ବୈଠକରେ ଉଭୟଙ୍କୁ ଦୁଇ ଦିନ ସମୟ ଦିଆଯାଇଥିଲା। ତା'ପରେ ଉଭୟ ପରିବାର ଘରକୁ ଫେରିଥିଲେ।



## ଗାଡ଼ିରୁ ଚେୟାର ଟେବୁଲ ବୋହୁଛନ୍ତି ବିଦ୍ୟାଳୟ ଛାତ୍ର

ମାଲକାନଗିରି, ୩୦।୧(ପି.ଏନ): ରାଜ୍ୟରେ ଶିକ୍ଷାର ବିକାଶ ନିମନ୍ତେ ରାଜ୍ୟ ସରକାର ମୋ ସ୍କୁଲ ଯୋଜନାରେ ରୂପାନ୍ତରିତ କରି ପର୍ଯ୍ୟାପ୍ତ ପରିମାଣର ଟଙ୍କା ବ୍ୟୟବରାଦ କରୁଛନ୍ତି । ଯାହାଫଳରେ ବିଦ୍ୟାଳୟ ଗୁଡିକ ଏବେ ସ୍ମାର୍ଟ ବିଦ୍ୟାଳୟରେ ପରିଣତ ହୋଇଅଛି । କିନ୍ତୁ, ମାଲକାନଗିରି ଜିଲ୍ଲାରେ ଶିକ୍ଷା ବିଭାଗରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ସାମ୍ନାକୁ ଆସିଛି । କାଲିମେଳା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅନ୍ତର୍ଗତ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ବେନିୟମ ଭାବେ ଛାତ୍ର ମାନଙ୍କୁ ବିଭିନ୍ନ କାମରେ ନିୟୋଜିତ କରାଇବା ପରିଲକ୍ଷିତ ହେଉଛି । ଏପରି ଜଳନ୍ତ ଉଦାହରଣ ଦେଖିବାକୁ ମିଳିଛି କାଲିମେଳା ବ୍ଲକ ଅନ୍ତର୍ଗତ ଗମ୍ପାକୋଣ୍ଡା ଆଶ୍ରମ ବିଦ୍ୟାଳୟରେ ।ଗତ ରବିବାର ଦିନ ଗମ୍ପାକୋଣ୍ଡା ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଚାଲିଥିବା ବେଳେ ନୂଆ ଚେୟାର, ଟେବୁଲ୍ ବୋଝେଇ ଏକ ଗାଡ଼ି ପହଂଚିଥିଲା । ସେ ଚେୟାର, ଟେବୁଲ୍ ଗୁଡ଼ିକୁ ଗାଡ଼ିରୁ ଓହ୍ଲାଇବା ପାଇଁ ଛାତ୍ରଙ୍କୁ ନିୟୋଜିତ କରାଯାଇଥିଲା । ଅଧ୍ୟୟନ କରିବାକୁ ଆସୁଥିବା ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ପରିବର୍ତେ ଏପରି ବିଭିନ୍ନ କାମରେ ନିୟୋଜିତ କରୁଥିବା ଅଭିଯୋଗ ହେଉଛି ।ଅପରପକ୍ଷରେ ଛାତ୍ର ଛାତ୍ରୀ ସଂଖ୍ୟା ଅନୁସାରେ କମ ଶିକ୍ଷକ, କେତେକ ସ୍ଥାନରେ ରାସ୍ତାଘାଟ ସମସ୍ୟାରୁ ଠିକ୍ ରେ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟକୁ ଆସିପାରୁ ନାହାଁନ୍ତି, କେତେକ ଶିକ୍ଷକ ଶିକ୍ଷୟିତ୍ରୀ ନିୟମିତ ବିଦ୍ୟାଳୟକୁ ଯାଉନଥିବା ଆଦିର ଏଠାରେ ନଜିର ରହିଛି । ଯାହାଫଳରେ ଶିକ୍ଷା ବ୍ୟବସ୍ଥା ଏଠାରେ ବିପର୍ଯ୍ୟସ୍ତ ହୋଇପଡିଥିବା ସମୟରେ ସଂପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଛାତ୍ର ଛାତ୍ରୀଙ୍କୁ ଗାଡ଼ିରୁ ଚେୟାର ଟେବୁଲ୍ ଅନଲୋଡ କରିବା କାମରେ ନିୟୋଜିତ କରିବା କେତେଦୂର ସମିଚୀନ । ତେଣୁ ଜିଲ୍ଲା ପ୍ରଶାସନ ଏବଂ ଲୋକ ପ୍ରତିନିଧି ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ୪,୦୮୪ କିମି ପଦଯାତ୍ରା କରି ସବୁ ରାଜନେତାଙ୍କୁ ପଛରେ ପକାଇଲେ ରାହୁଲ ଗାନ୍ଧି

ନୂଆଦିଲ୍ଲୀ,୩୦।୧(ପି.ଏନ): ଘୃଣାର ବଜାରରେ ପ୍ରେମର ଦୋକାନ ଖୋଲିବାର ନାରା ଦେଇ ଭାରତ ଯୋଡ ? ଯାତ୍ରା କରୁଥିବା ରାହୁଲ ଗାନ୍ଧି ନୂଆ ରେକର୍ଡ କରିଛନ୍ତି। ସେପ୍ଟେମ୍ବର ୭ରେ କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା ରାହୁଲଙ୍କ ପଦଯାତ୍ରା ଆଜି କଶ୍ମୀରରେ ଶେଷ ହୋଇଛି। ୧୩୫ ଦିନ ମଧ୍ୟରେ ରାହୁଲ ମୋଟ ୪,୦୮୪ କିମି ରାସ୍ତା ପାଦରେ ଚାଲିଚାଲି ଅତିକ୍ରମ କରିଛନ୍ତି। ଅନେକ ଲୋକଙ୍କୁ ଭେଟିଛନ୍ତି ଓ ଅନେକ ସଭାକୁ ସମ୍ବୋଧନ ମଧ୍ୟ କରିଛନ୍ତି ।ତେବେ ପାଦରେ ଚାଲିଚାଲି ଏତେ ରାସ୍ତା ଅତିକ୍ରମ କରିବା ଘଟଣାରେ ରାହୁଲ ଦେଶର ସବୁ ରାଜନେତାଙ୍କୁ ପଛରେ ପକାଇ ଦେଇଛନ୍ତି। ରାହୁଲଙ୍କ ପୂର୍ବରୁ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ସର୍ବାଧିକ ରାସ୍ତା ପାଦରେ ଚାଲିଚାଲି ଅତିକ୍ରମ କରିବାର ରେକର୍ଡ ନିଜ ନାଁରେ ରଖିଥିଲେ। ସେ ୨୦୧୭ରୁ ୨୦୧୯ ଅର୍ଥାତ ଦେ? ବର୍ଷ ମଧ୍ୟରେ ମୋଟ ୩,୬୪୮ କିମି ରାସ୍ତା ଅତିକ୍ରମ କରିଥିଲେ ।ଭାରତ ଇତିହାସରେ ଏହା ପ୍ରଥମ ଘଟଣା ଥିବା ବେଳେ ଏଯାଏ ଏହି ରାଜନୀତିକ ପଦଯାତ୍ରାର ରେକର୍ଡକୁ କେହି ଭାଙ୍ଗି ପାରି ନଥିଲେ। ହେଲେ ରାହୁଲ ଗାନ୍ଧି ମାତ୍ର ୧୩୫ ଦିନ ମଧ୍ୟରେ ଏହାଠାରୁ ଯଥେଷ୍ଟ ଅଧିକ କିମି ପାଦରେ ଚାଲିଚାଲି ଅତିକ୍ରମ କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ଜାନୁଆରୀ ୩୧

# ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ

ଏବେ ଶୀତଋତୁର ଶେଷ ସମୟ ପହଞ୍ଚିଛି। ପ୍ରତିବର୍ଷ ଋତୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତେ ଏକ ପ୍ରକାର ନିଜ ଅସୁସ୍ଥତାକୁ ଗ୍ରହଣ କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ପାଣିପାଗ ବଦଳିବା ସମୟରେ ସ୍ୱାଭାବିକ ଭାବେ ଦେହ ଖରାପ ହୁଏ। ତେବେ ବର୍ତ୍ତମାନର ପ୍ରାୟତଃ ଘରେ ଘରେ ଦେଖାଯାଉଥିବା ଜ୍ୱରକୁ ନେଇ ଅନେକଙ୍କ ଭିତରେ ବିଭିନ୍ନ ଆଲୋଚନା ଓ ଭୟ ଦେଖାଦେଉଛି। ପ୍ରତିଦିନ ଅନେକଙ୍କ ଠାରୁ ଏ ନେଇ ଅଭିଯୋଗ ଆମେ ପାଉଛୁ। ଏହା ନିଃସନ୍ଦେହ। ସାରା ଓଡ଼ିଶା ଏବେ ଜ୍ୱରରେ ଥରୁଛି। ଇନଫ୍ଲୁଏଞ୍ଜା (ଏଚ୍୩ଏନ୍୨) ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ (ଏଚପିଆଇଭି) ରାଜ୍ୟକୁ ଗତ ଏକମାସ ହେବ କବଳିତ କରି ରଖିଛି। ଏହା ସାଙ୍ଗକୁ ସ୍ୱାଇନ ଫ୍ଲୁ ମଧ ଚିନ୍ତା ବଢ଼ାଉଛି। ଘରେ ଘରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଅନେକ ଏହାକୁ କୋଭିଡ୍ ଭାବି ଦ୍ୱନ୍ଦ୍ୱରେ ପଡୁଛନ୍ତି। ମାତ୍ର ଏହା କୋଭିଡ୍ ନୁହେଁ ବରଂ ଭାଇରାଲ ଫିଭର। ଏହାସହ ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ଶରୀରରେ ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଥିବା ଦେଖିବାକୁ ମିଳୁଛି।

ଋତୁ ପରିବର୍ତ୍ତନ ଫଳରେ ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ବଢ଼ିଥାଏ। ବିଶେଷକରି ଗ୍ରୀଷ୍ମ ଓ ଶୀତ ଋତୁରେ ଅଧିକ ସଂଖ୍ୟାରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ଗତ ଦୁଇ ବର୍ଷ ହେବ କୋଭିଡ୍ ମହାମାରୀ ବ୍ୟାପିଥିବାରୁ ଭାଇରାଲ ଫିଭର ଉପରେ ସେତେଟା ଗୁରୁତ୍ୱ ନଥିଲା। କୋଭିଡ୍ ଥମିବା ପରେ ଚଳିତବର୍ଷ ଭାଇରାଲ ଫିଭର ବଢ଼ିବାରେ ଲାଗିଛି। ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି। ବୟସ୍କମାନେ ଧଇଁସଇଁ ହୋଇ ପଡୁଛନ୍ତି ଓ ତାଙ୍କ ଅବସ୍ଥା କିଛି ଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳି ନପାରେ।

ଚଳିତ ବର୍ଷ ଅଧିକ ସଂଖ୍ୟାରେ ରୋଗୀ ଇନଫ୍ଲୁଏଞ୍ଜା-ଏ (ଏଚ୩ଏନ୨)ରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି। ଏହାସହ ଅନ୍ୟ ଭୂତାଣୁରେ ମଧ ଲୋକମାନେ କେତେକାଂଶରେ ଆକ୍ରାନ୍ତ ହେଉଛନ୍ତି। ଲୋକମାନଙ୍କ ଶରୀରରେ ପ୍ରବଳ ଜ୍ୱର ସହିତ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଛି। ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଛି। ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ସାରା ଦେଶରେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ପୂର୍ବରୁ ଏହା ଦେଖିବାକୁ ମିଳୁଥିଲେ ବି ଲୋକମାନେ ନିଜର ପରୀକ୍ଷା କରୁନଥିଲେ। ମାତ୍ର କୋଭିଡ୍ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି, ଯାହାଫଳରେ ଏସବୁ ଭୂତାଣୁ ଚିହ୍ନଟ ହେଉଛି। ଇନଫ୍ଲୁଏଞ୍ଜାରୁ ନିଜକୁ ରକ୍ଷା କରିବାକୁ ହେଲେ ଟିକା ନେବା ଜରୁରୀ। ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଇନଫ୍ଲୁଏଞ୍ଜା ଟିକା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଦେଶରେ ନଭେମ୍ବର ସୁଦ୍ଧା ଇନଫ୍ଲୁଏଞ୍ଜାର ୧୨,୮୮୧ ମାମଲା ଆସିଛି। ଯେଉଁମାନଙ୍କ ଠାରେ ଅକ୍ସିଜେନସ୍ତର ହ୍ରାସ



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ପାଉଛି ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

ଋତୁ ପରିବର୍ତ୍ତନ ସମୟରେ ଏଭଳି ଥଣ୍ଡା, ଜ୍ୱର ଦେଖିବାକୁ ମିଳିଥାଏ। ଔଷଧ ଖାଇଲେ କମି ଯାଉଛି। ମାତ୍ର କୋଭିଡ୍ ସହିତ ଏହାର ସଂପର୍କ ନାହିଁ। ରାଜ୍ୟରେ ଟିକାକରଣ ବେଶ ଭଲ ଥିବାବେଳେ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବା କାରଣରୁ ଲୋକଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ରହିଛି। ତେବେ ଟାଣ ଖରା ଆରମ୍ଭ ହେଲେ ଥଣ୍ଡା, ଜ୍ୱର କମିଯିବ। ଆସନ୍ତା ୭/୧୦ ଦିନ ପରେ ଏଥିରୁ ନିସ୍ତାର ମିଳିବ। ଅପରପକ୍ଷରେ ରାଜ୍ୟରେ ଇନଫ୍ଲୁଏଞ୍ଜା ବାଦ ସ୍ୱାଇନ ଫ୍ଲୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୨୫ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର କେହି ପ୍ରାଣ ହରାଇ ନାହାନ୍ତି। ଋତୁ ପରିବର୍ତ୍ତନ ହେଲେ ଭାଇରାଲ ଫିଭର ବଢ଼ିଥାଏ। ତେଣୁ ଯେଉଁମାନଙ୍କର ଥଣ୍ଡା, ଜ୍ୱର ହେଉଛି ସେମାନେ ପାରାସିଟାମଲ ଖାଆନ୍ତୁ। ଏସବୁ କୋଭିଡ୍ ନୁହେଁ। ରାଜ୍ୟରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ହାତଗଣତି ରହିଛି। ରାଜ୍ୟରେ ଇନଫ୍ଲୁଏଞ୍ଜାର ପରୀକ୍ଷା ପାଇଁ ସୁବିଧା ରହିଛି। ଏହାସହ ନମୁନା ପରୀକ୍ଷା ସଂଖ୍ୟା ବଢ଼ୁଥିବାରୁ ସ୍ୱାଇନ ଫ୍ଲୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନ ଭାଇରାଲ ଫିଭରକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। କାରଣ ପ୍ରାୟ ପ୍ରତି ଘରେ ଏପରି ସମସ୍ୟା ଦେଖାଦେଉଛି। ଯଦିଓ ଦିନକୁ ଦିନ ତାପମାତ୍ରା ବଢ଼ୁଛି କିନ୍ତୁ ଥଣ୍ଡାର ମାତ୍ରା ଅଧିକ ରହୁଥିବାରୁ ଏହା ଜ୍ୱର ସମସ୍ୟାକୁ ବଢ଼ାଉ ଦେଉଛି। ଏ କ୍ଷେତ୍ରରେ ତୁରନ୍ତ କୌଣସି ଘରୋଇ ଚିକିତ୍ସା କରିବା ଅପେକ୍ଷା ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଥଣ୍ଡାରେ ବାହାରକୁ ବାହାରନ୍ତୁ ନାହିଁ, ବିଶୁଦ୍ଧ ଉଷୁମ ପାଣି ପିଅନ୍ତୁ, ବାହାର ଖାଦ୍ୟ ଓ ବର୍ତ୍ତମାନ ପାଇଁ ଆମିଷ ଖାଦ୍ୟ ନଖାଇବା ଭଲ। ଜ୍ୱର ଅଧିକ ଦିନ ଲାଗିରହୁଥିଲେ ପରୀକ୍ଷା କରାଇ ନିଅନ୍ତୁ। ନିଜର ବ୍ୟବହାର କରୁଥିବା ପୋଷାକ ପତ୍ରକୁ ଗରମ ପାଣିରେ ସଫା କରନ୍ତୁ ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶରେ ରହିଲେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।

*ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,*
*ଫକୀରମୋହନ ମେଡ଼ିକାଲ କଲେଜ,*
*ବାଲେଶ୍ୱର, ଦୂରଭାଷ :*
*୯୪୩୭୧୨୪୦୭୪*

# ଉତ୍ସର୍ଗୀକୃତ ଜନନାୟକ ପିୟଦର୍ଶୀ ମିଶ୍ର

ଅଧିକାଂଶ ଦେଶରେ ଲୋକପ୍ରତିନିଧି ମାନଙ୍କ କାର୍ଯ୍ୟକଳାପ ସଂପର୍କରେ ସେଠାକାର ମିଡ଼ିଆ ନିୟମିତ ଲୋକମାନଙ୍କୁ ସୂଚନା ଦେଇଥାନ୍ତି। ଯଦ୍ୱାରା ଲୋକେ ନିଜର ପ୍ରତିନିଧିଙ୍କ ସଂପର୍କରେ ଜାଣନ୍ତି ଓ ସଚେତନ ହୁଅନ୍ତି। ଏହା ସୁସ୍ଥ ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଆବଶ୍ୟକ। ଏହି କ୍ରମରେ ଭୁବନେଶ୍ୱର ଉତ୍ତର ବିଧାନସଭା କ୍ଷେତ୍ରର ବିଧାୟକ ତଥା ଓଡ଼ିଶାର ଜଣେ ତୁଙ୍ଗ ଯୁବନେତା ପ୍ରିୟଦର୍ଶି ମିଶ୍ରଙ୍କ କାର୍ଯ୍ୟକଳାପ ସଂପର୍କରେ ଅଲୋଚନା। ଆଇନ୍‌ରେ ମାଷ୍ଟର ଡ଼ିଗ୍ରୀ ହାସଲ ପରେ ପ୍ରିୟଦର୍ଶି ବାବୁ ସମାଜସେବା ସହ ଆଇନ୍ ପରାମର୍ଶଦାତା ଭାବେ ନିଜର ଜୀବନ ଆରମ୍ଭ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ କଲେଜରେ ଛାତ୍ର ଥିବାବେଳେ ପ୍ରିୟଦର୍ଶି ବାବୁ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସକ୍ରିୟ ରାଜନୀତିରେ ପାଦ ଦେଇଥିଲେ ଓ ଛାତ୍ର ଜନତା ଦଳର ସଂପାଦକ ପଦରେ ରହି ସଫଳତାର ସହ ନିଜର ଦାୟିତ୍ୱ ନିର୍ବାହ କରିଥିଲେ। ପରେ ବିଜୁ ପଟ୍ଟନାୟକ ତାଙ୍କୁ ଯୁବ ଜନତା ଦଳର ସଂପାଦକ ପଦରେ ନିଯୁକ୍ତି ଦେଇଥିଲେ। ସେହିପରି ୨୦୦୦ ମସିହାରୁ ୨୦୧୦ ପର୍ଯ୍ୟନ୍ତ ପ୍ରିୟଦର୍ଶି ବାବୁ ବିଜେଡ଼ିର ସାଧାରଣ ସଂପାଦକ ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଥିବା ବେଳେ ଦଳୀୟ ବିଭିନ୍ନ କମିଟିର ସଦସ୍ୟ ତଥା ବିଭିନ୍ନ ନିଗମର ଅଧ୍ୟକ୍ଷ ଥିଲେ ଓ ବିଭିନ୍ନ ନିର୍ବାଚନ ବେଳେ ସେ ଦଳୀୟ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିଥିଲେ। ଏପରିକି ୨୦୦୦ ବିଧାନସଭା ନିର୍ବାଚନ ବେଳେ ନବୀନ ପଟ୍ଟନାୟକଙ୍କ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ନିର୍ବାଚନ ପରିଚାଳନା ଦାୟିତ୍ୱ ପ୍ରିୟଦର୍ଶି ବାବୁ ସଫଳତାର ସହ ତୁଲାଇଥିଲେ। ବହୁପ୍ରତିଭାର ଅଧିକାରୀ ପ୍ରିୟଦର୍ଶି ବାବୁ ଜଣେ ପ୍ରଗତିଶୀଳ ମଣିଷ ଭାବେ ବିଭିନ୍ନ ସାମାଜିକ ଓ ଗଣ ଆନ୍ଦୋଳନ ସହିତ ନିଜକୁ ସାମିଲ କରିଥିବାବେଳେ ଓଡ଼ିଶା ରାଜନୀତିରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ଏପରିକି ଜଣେ ପ୍ରଚଣ୍ଡ ରାଜନୀତିକ ଜ୍ଞାନର ଅଧିକାରୀ ତଥା ଅଭିଜ୍ଞ ବିଧାୟକ ଭାବେ ତାଙ୍କର ରାଜନୀତିକ ଓ ବିଧାନସଭା କାର୍ଯ୍ୟଦକ୍ଷତା ତାଙ୍କୁ ଆପେ ରାଜ୍ୟ ରାଜନୀତି ମଞ୍ଚରେ ଛିଡ଼ା କରି ଦେଇଛି। ୨୦୧୪ ନିର୍ବାଚନରେ ସେ ପ୍ରଥମ ଥର ପାଇଁ ଭୁବନେଶ୍ୱର ଉତ୍ତର ବିଧାନସଭା ଆସନରୁ ନିର୍ବାଚିତ ହୋଇ ବିଧାନସଭାର ବିଭିନ୍ନ କମିଟିର ଜଣେ ପ୍ରମୁଖ ସଦସ୍ୟ ଭାବେ ନିଜର ଦାୟିତ୍ୱ ସଫଳତାର ସହ ତୁଲାଇ ଥିଲେ। ବିଧାନସଭା ଅଧିବେଶନରେ ପ୍ରିୟଦର୍ଶି ବାବୁଙ୍କର କାର୍ଯ୍ୟଶୈଳୀ ଉଚ୍ଚ କୋଟିର ଥିଲା। ବିଧାନସଭା ଅଧିବେସନରେ ପ୍ରଶ୍ନ-ଉତ୍ତର, ବଜେଟ୍, ବିଧେୟକ, ଧ୍ୟାନାକର୍ଷଣ, ଭଳି ମହତ୍ୱପୂର୍ଣ୍ଣ ଆଲୋଚନାରେ ସକ୍ରିୟ ଭାଗ ନେଇ ସେ ଓଡ଼ିଶାର ମୌଳିକ ସମସ୍ୟା ସଂପର୍କରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରୁଥିଲେ। ରାଜ୍ୟରେ ଦାରିଦ୍ର୍ୟ, ଅନାହାର, ପୁଷ୍ଟିହୀନତା, ମାତୃ ଓ ଶିଶୁମୃତ୍ୟୁ, ଦାଦନ ଭଳି ବିଭିନ୍ନ ସାମାଜିକ ଓ ପ୍ରଶାସନିକ ସମସ୍ୟା ସମାଧାନ ପାଇଁ ସେ ନିୟମିତ କାର୍ଯ୍ୟ କରି ଆସିଛନ୍ତି।

ଜଣେ ଅଭିଜ୍ଞ ବିଧାୟକ ଭାବେ ଭୁବନେଶ୍ୱର ମହାନଗର ନିଗମ ସମେତ ଓଡ଼ିଶାର ସାମଗ୍ରୀକ ବିକାଶ ଓ ବିଭିନ୍ନ ସମସ୍ୟା ସମାଧାନ କରି ଅବହେଳିତ ଓଡ଼ିଆ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାର ଲକ୍ଷ୍ୟ ରଖିଛନ୍ତି ପ୍ରିୟଦର୍ଶି ବାବୁ। ରାଜ୍ୟର ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିହୀନତା ନିୟନ୍ତ୍ରଣ, ମାତୃ-



ଶରତ କୁମାର ରାଉତ

ଶିଶୁ ମୃତ୍ୟୁହାର ହ୍ରାସ, ପାନୀୟ ଜଳ, ପରିବେଶ, ସାକ୍ଷରତା, ଉଚ୍ଚଶିକ୍ଷାର ପ୍ରସାର, ଜଙ୍ଗଲ ଜମିର ସୁରକ୍ଷା, ଗ୍ରାମ୍ୟ ଉନ୍ନତି, ଦାରିଦ୍ର୍ୟ ଦୂରୀକରଣ,ବେକାରୀ, ଦାଦନ ସମସ୍ୟାର ସମାଧାନ ଆଦି ତାଙ୍କ ସାମାଜିକ କାର୍ଯ୍ୟର ମୂଳ ଲକ୍ଷ୍ୟ ହୋଇଛି। ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀକୁ ଓଡ଼ିଶାରେ ସବୁଠୁ ସ୍ମାର୍ଟ ତଥା ପୂର୍ଣ୍ଣ ବିକଶିତ କରାଇବା ଲକ୍ଷ୍ୟରେ ସେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଜନସ୍ୱାସ୍ଥ୍ୟ, ବିଜୁଳି, ରାସ୍ତାଘାଟ ଓ ଗ୍ରାମାଞ୍ଚଳ ଉନ୍ନୟନକୁ ସେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ୨୦୧୫-୧୬ ଆର୍ଥିକ ବର୍ଷରେ ନହରକଣ୍ଟାରେ ୮୪୩.୭୯ ଲକ୍ଷ ଟଙ୍କା ବ୍ୟୟରେ ଜଳଯୋଗାଣ ପ୍ରକଳ୍ପ, ଶ୍ରୀବିହାର ଠାରେ ୧୩୫ ଲକ୍ଷ ବ୍ୟୟରେ ଜଳଯୋଗାଣ ପ୍ରକଳ୍ପ, ଶାଶ୍ୱତ ବିହାର ଠାରେ ପାଣି ପମ୍ପସେଟ୍ ସ୍ଥାପନ ଓ ଡମ୍‌ଣା ଗାଁରେ ୯୯ ଲକ୍ଷ ଟଙ୍କା ବ୍ୟୟରେ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିବା ବେଳେ ବିଜୁନଗର, ମହାବିନାୟକ ନଗର ଅଞ୍ଚଳରେ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ନିର୍ମାଣାଧୀନ ରହିଛି। ଚଳିତ ବର୍ଷ ୩୮.୫୨ କୋଟି ବ୍ୟୟ ବରାଦରେ ବିପିସିଏଲ୍ ପେଟ୍ରୋଲ୍ ପମ୍ପ-ଫାୟାର ଷ୍ଟେସନ୍ ଛକ ରାସ୍ତା, ଗଣିତ ପ୍ରତିଷ୍ଠାନ-ଇନ୍‌ଫୋସିଟି-ଏକାମ୍ର କାନନ ରାସ୍ତା, ଶୈଳଶ୍ରୀ ବିହାର, ନିଳାଦ୍ରୀ ବିହାର ରାସ୍ତା, ଡ଼ମଣା-ଶୈଳଶ୍ରୀ ବିହାର ରାସ୍ତା, ନିଳାଦ୍ରୀ ବିହାର-କନ୍ୟାଶ୍ରମ ରାସ୍ତା, ସିଆରପି-ଜୟଦେବ ବିହାର ରାସ୍ତା ଓ ନନ୍ଦନକାନନ-ଜୟଦେବ ବିହାର ୪ ଥାକିଆ ରାସ୍ତାର ପ୍ରଶସ୍ତିକରଣ, ଉନ୍ନତି କରଣ ଓ ମରାମତି କାର୍ଯ୍ୟ ହୋଇଥିଲା। ସେହିପରି ବିଜୁଳି ସେବା କ୍ଷେତ୍ରରେ ଉନ୍ନତି ପାଇଁ କଳାରାହାଙ୍ଗ ହାଉସିଂବୋର୍ଡ଼, ଚନ୍ଦ୍ରଶେଖରପୁର, ଇନ୍‌ଫୋସିଟି, ଜାଭିୟର୍ ଆଦି ଅଞ୍ଚଳରେ ଏମ୍‌ଭିଏର ଉନ୍ନତିକରଣ କରାଯାଇ ଉଚ୍ଚ କ୍ଷମତା ସଂପନ୍ନ ସବ୍‌ଷ୍ଟେସନ୍ ଓ ଟ୍ରାନ୍ସଫରମର ପ୍ରତିଷ୍ଠା କରାଯାଇଥିଲା। ଅନ୍ୟପକ୍ଷରେ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯାଇଥିଲା। ସେଥିମଧ୍ୟରେ ୨୫୩.୫୩ କୋଟି ଟଙ୍କା ବ୍ୟୟରେ ମଂଚେଶ୍ୱର, ବରିମୁଣ୍ଡ, ଝିଙ୍କିଡ଼ିହି ସନ୍ନିକଟସ୍ଥ କୁଆଖାଇ ନଦୀବନ୍ଧର ମରାମତି କାର୍ଯ୍ୟ ଶେଷ ହୋଇଥିଲା ବେଳେ ଲିଙ୍ଗିପୁର ଗ୍ରାମ୍ୟ ରାସ୍ତା, ନନ୍ଦନକାନନ-ଜରିପାଟଣା, ପଦାସାହି-ଭୋଟପଡ଼ା କେନାଲ୍ ରାସ୍ତା, କୃଷ୍ଣଶରଣପୁର ଗ୍ରାମ ରାସ୍ତା, ପ୍ରତାପନଗରୀ-ଝିଙ୍କରଡ଼ିହ ସେତୁ ଓ ବରିମୁଣ୍ଡ-କାନପୁର ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଚାଲୁଥିଲା। ରାଜନୀତି, ସଂସ୍କୃତି ଓ ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ ପ୍ରିୟଦର୍ଶି ବାବୁଙ୍କର ବହୁମୁଖୀ ଜନସ୍ୱାର୍ଥ ମୂଳକ କାର୍ଯ୍ୟ ଓ ଆତ୍ମୀୟତା ଉଲ୍ଲେଖନୀୟ। ୩ ଦଶନ୍ଧିର ରାଜନୀତିକ ଜୀବନ ଭିତରେ ତାଙ୍କର ପ୍ରତ୍ୟେକ କାର୍ଯ୍ୟ ଓ ରାଜନୀତିକ ଆଲୋଚନା ରାଜନୀତିଜ୍ଞ ମାନଙ୍କ ପାଇଁ ଆଦର୍ଶ ହୋଇଥିବା ବେଳେ ସାଧାରଣ ମଣିଷ ମାନଙ୍କ ପାଇଁ ଆଶୀର୍ବାଦ ହୋଇଛି। ରାଜନୀତିରେ ତାଙ୍କର ସ୍ପଷ୍ଟବାଦିତା ବାସ୍ତବରେ ତାଙ୍କୁ ଓଡ଼ିଶା ରାଜନୀତିକ ମଞ୍ଚର ଶୀର୍ଷରେ ପହଞ୍ଚାଇ ଦେଇଛି। କୌଣସି ଘଟଣାରେ ତାଙ୍କର ମନ୍ତବ୍ୟ ସ୍ପଷ୍ଟ, ସୁନ୍ଦର ଓ ସର୍ବଗ୍ରହଣୀୟ ହେଉଛି। ନିଜ ରାଜନୀତିକ ଜୀବନର ପ୍ରତି ମୁହୂର୍ତ୍ତକୁ ଓ ପ୍ରତି ଦାୟିତ୍ୱକୁ ଜନସେବାରେ ଓ ନିଷ୍ଠାର ସହ କିଛି ନୂଆ କରି ଦେଖାଇବାରେ ବିତାଇଛନ୍ତି ପ୍ରିୟଦର୍ଶି ବାବୁ। ସବୁଠୁ ବଡ଼ କଥା ହେଲା, ସେ ଅଧିକାଂଶ ସମୟ ସାଧାରଣ ଲୋକଙ୍କ ଗହଣରେ ବିତାଇ ସେମାନଙ୍କ ସୁଖ-ଦୁଃଖରେ ଭାଗୀ ହେଉଛନ୍ତି। କାହାର ଡ଼ାକରା ପାଇଲେ, ସେ ତତ୍‌କ୍ଷଣାତ୍ ପହଞ୍ଚି ଯାଆନ୍ତି ତାଙ୍କ ପାଖରେ ଓ ନିଜକୁ ଏକାକାର କରି ଦିଅନ୍ତି ତାଙ୍କର ସୁଖ-ଦୁଃଖ ସହିତ। ପ୍ରତି ମଣିଷକୁ ଆପଣାର କରିବାର କଳାରେ ସେ ନିପୁଣ। ସମସ୍ତଙ୍କୁ ସେ ସହଯୋଗର ହାତ ବଢ଼ାନ୍ତି। ଦଳମତ ନିର୍ବିଶେଷରେ ସବୁ ନେତା ଓ ସାଧାରଣ ମଣିଷକୁ ସେ ବନ୍ଧୁ ଭାବରେ ଗ୍ରହଣ କରନ୍ତି। ବାସ୍ତବରେ ତାଙ୍କର ଅମାୟିକ ବ୍ୟବହାର, ବନ୍ଧୁବତ୍ସଳତା, ସରଳତା, ନିଷ୍ଠାପରତା, ସାହସିକତା, ଯୁବଗୋଷ୍ଠୀକୁ ଉତ୍ସାହ, ଅମାୟିକ ରାଜନୀତି, ସମର୍ପିତ ରାଜନେତା, ଆକର୍ଷଣୀୟ ଲୋକପ୍ରିୟତା, ଉତ୍ସର୍ଗୀକୃତ ଜନସେବା ଓ ପରୋପକାରୀ ମନୋଭାବ ଆଦି ମାନବୀୟ ଗୁଣ ପାଇଁ ସେ ସମସ୍ତଙ୍କର ପ୍ରିୟପାତ୍ର।

*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର,*
*ମୋ-୯୩୩୭୭୩୬୯୪୪୮*

# ଚୀନର ଜନସଂଖ୍ୟା ଭାରତ ପାଇଁ ଶିକ୍ଷା

କ୍ରମାଗତ ୬ଦଶନ୍ଧି ପରେ ପ୍ରଥମ ବର୍ଷ ଭାବେ ୨୦୨୨ରେ ଜନସଂଖ୍ୟା ୮.୫ ଲକ୍ଷ କୋଟି ହ୍ରାସ ପାଇଥିବା ଚୀନ ଘୋଷଣା କରିଛି। ଶେଷଥର ପାଇଁ ଗତ ୧୯୬୧ ମସିହାରେ ଚୀନରେ ଜନସଂଖ୍ୟା ବୃଦ୍ଧି ପାଇଥିଲା। ତେବେ ଏହି ଜନସଂଖ୍ୟା ହ୍ରାସର କାରଣ ଥିଲା ଦୁର୍ଭିକ୍ଷ। ଦୁର୍ଭିକ୍ଷରେ ଖାଇବାକୁ ନପାଇ ଲକ୍ଷଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା କିନ୍ତୁ ଏବେ ଚୀନର ଜନସଂଖ୍ୟା ୮କୋଟି ୫୦ଲକ୍ଷ ହ୍ରାସ ପାଇଛି। କହିବା ବାହୁଲ୍ୟ ଯେ, ଚୀନ ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ର ହୋଇଥିବା ବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଚଳିତ ୨୦୨୩ରେ ଚୀନକୁ ଅତିକ୍ରମ କରି ଭାରତ ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ର ହେବ ବୋଲି ଜାତିସଂଘ ଭବିଷ୍ୟବାଣୀ କରିଛି। ଗତ ୧୭ ତାରିଖ ଦିନ ଚୀନ ଘୋଷଣା କରିଛି ଯେ, ଗତ ବର୍ଷ ନୂତନ ଜନ୍ମ ୧୦ ପ୍ରତିଶତ ହ୍ରାସ ପାଇଁ ୯୫.୬ ଲକ୍ଷ ଶିଶୁ ଜନ୍ମଗ୍ରହଣ କରିଛନ୍ତି। ସେହିପରି ଗତବର୍ଷ ୧୦୪.୧ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା। ଏବେ ଚୀନର ଲୋକସଂଖ୍ୟା ୧୪୧କୋଟି ୧ ଲକ୍ଷରେ ପହଁଚିଛି ସମ୍ଭବତଃ ଭାରତର ଜନସଂଖ୍ୟା ଏବେ ଚୀନକୁ ଟପିଯିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଯାହାକି ଜାତିସଂଘର ପୂର୍ବାନୁମାନକୁ ସତ୍ୟରେ ପରିଣତ କରିବାକୁ ଯାଉଛି ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ କରିବା ପାଇଁ ଚୀନ ୧୯୮୦ ମସିହାରେ ଗୋଟିଏ ଶିଶୁ ନୀତି ପ୍ରଣୟନ କରିଥିଲା। ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି ଦେଶର ପ୍ରଗତିରେ ବାଧକ ହୋଇଥିବାରୁ ଚୀନ 'ଗୋଟିଏ ଶିଶୁ' ନିୟମ ବାଧତାମୂଳକ କରିଥିଲା। ମାତ୍ର ବାସ୍ତବରେ ଏହି ନୀତି ଚୀନର ଅର୍ଥନୀତି, ପ୍ରଗତିରେ ମୁଖ୍ୟ ବାଧକ ହୋଇଛି। ଚୀନରେ ଯୁବପିଢ଼ୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଛି। କୁହାଯାଇଛି ଯେ, ୨୦୨୨ରେ ଚୀନରେ ୧୬ରୁ ୫୯ବର୍ଷ ଶ୍ରମଜୀବୀ ଗ୍ରୁପର ବୟସ୍କଙ୍କ ସଂଖ୍ୟା ୮୭୫ ମିଲିଅନ ଥିଲା। ଗତ ୨୦୧୦ ମସିହାଠାରୁ ଏହି ବୟସ୍କ ଗ୍ରୁପ ଲୋକଙ୍କ ସଂଖ୍ୟା ୭୫ ମିଲିଅନ ହ୍ରାସ ପାଇଛି। କହିବା ଉଚିତ୍ ଯେ, ଚୀନରେ ଶ୍ରମଜୀବୀ ଗ୍ରୁପର ଜନସଂଖ୍ୟା ହ୍ରାସ ପାଇଥିବାବେଳେ ବୟସ୍କ ବୋଝ ବଢ଼ିଚାଲିଛି। ଯାହାକି ଏବେ ଦେଶର ପ୍ରଗତିରେ ବାଧକ ହେବା ସ୍ୱାଭାବିକ। ଏହାକୁ ଦୃଷ୍ଟିରେ ରଖି ଚୀନ ୨୦୧୬ରେ ଦୁଇଟି ଶିଶୁ ନୀତି ଲାଗୁ କରିଥିବାବେଳେ ୨୦୨୧ରୁ ଦୁଇ ତିନି ଶିଶୁ ନୀତି ଲାଗୁ କରିଛି। ଅନ୍ୟପକ୍ଷରେ ଆର୍ଥୀକ ଦୃଷ୍ଟି କୋଣରୁ ଚୀନରେ ୭୦ ପ୍ରତିଶତ ଦମ୍ପତିଙ୍କର ଏକାଧିକ ଶିଶୁ ନଥିବା ସରକାରୀ ସର୍ଭେ ରିପୋର୍ଟରେ କୁହାଯାଇଛି। ସେହିପରି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଚୀନରେ ଏବେ ୬୦ ବର୍ଷରୁ ଊର୍ଦ୍ଧ୍ୱ ନାଗରୀକଙ୍କ ସଂଖ୍ୟା ୩୦ ମିଲିୟନ ବୃଦ୍ଧି ପାଇ ୨୮୦ ମିଲିୟନରେ ପହଁଚିଛି। ତେବେ ୨୦୫୦ ମସିହା ସୁଦ୍ଧା ବ୍ୟୟ ଜିଡିପିର ୨୬ ପ୍ରତିଶତ ହେବ ବୋଲି ରିପୋର୍ଟରେ କୁହାଯାଇଛି। ସେହିପରି ଜାତିସଂଘ ରିପୋର୍ଟରେ କୁହାଯାଇଛି ଯେ, ୨୦୩୦ ସୁଦ୍ଧା ଚୀନର ୧୬ରୁ ୫୯ ବର୍ଷ ବୟସ୍କଙ୍କ ସଂଖ୍ୟା ୮୦୦ ମିଲିଅନରେ ପହଁଚିବ, ଯାହାକି ଭାରତ ଠାରୁ ୧୦ ପ୍ରତିଶତ କମ୍ ରହିବ। ମିଳିତ ଜାତିସଂଘର ରିପୋର୍ଟ ଅନୁଯାୟୀ ବିଶ୍ୱ ଜନସଂଖ୍ୟା ଏବେ ୮୦୦ କୋଟି ଅତିକ୍ରମ କରିଥିବା ବେଳେ ୨୦୫୦ ସୁଦ୍ଧା ଏହା ୯୭୦ କୋଟିରେ ପହଁଚିବ। ଅନ୍ୟପକ୍ଷରେ ଭାରତର ଜନସଂଖ୍ୟା ଏବେ ୧୪୧ କୋଟି ୪୪ଲକ୍ଷ ୯୬ ହଜାର ୬୯ରେ ପହଁଚିଥିବା ରିପୋର୍ଟରେ କୁହାଯାଇଛି। ଯାହାକି ଚୀନକୁ ଟପିଯାଇଥିବା କୁହାଯାଇପାରେ। ଭାରତ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ପ୍ରଜନନ ହାର ୨୦୧୯-୨୧ରେ ୨ରୁ କମ୍ ରହିଥିଲା। ଭାରତରେ କଠୋର ଜନ୍ମ ନିୟନ୍ତ୍ରଣ ନିୟମ ନଥିବା ସତ୍ୱେ ଦେଶର ଯୁବ ପିଢ଼ୀ ଯେ, ଏ ଦିଗରେ ଯଥେଷ୍ଟ ସଚେତନ, ତାହା ସ୍ୱୀକାର କରିବାକୁ ହେବ। ବହୁ ଦମ୍ପତି ଏକକ ସନ୍ତାନ ନୀତିକୁ ଆଦରି ନେଇଛନ୍ତି। ସେ ପୁଅ ହେଉ ବା ଝିଅ ହେଉ। ପୁଅ ଝିଅ ମଧ୍ୟରେ କୌଣସି ପ୍ରଭେଦ ନାହିଁ, ଏହାକୁ ଯୁବ ପିଢ଼ୀ ଗ୍ରହଣ କରି ସାରିଛନ୍ତି। ଭାରତର ଜନସଂଖ୍ୟା ବଢ଼ି ଚାଲିଥିଲେ ମଧ୍ୟ ଦେଶର ପ୍ରଗତି, ଅର୍ଥନୀତି ପ୍ରତି କୌଣସି ପ୍ରତିବନ୍ଧକ ହେବ ନାହିଁ। ବିଶ୍ୱବ୍ୟାଙ୍କର ତଥ୍ୟ ଅନୁଯାୟୀ ବିଶ୍ୱରେ ୱାର୍କିଂ ଏଜ ଲୋକସଂଖ୍ୟ ୬୫ ପ୍ରତିଶତ ଥିବାବେଳେ ଭାରତରେ ୬୮ ପ୍ରତିଶତ ରହିଛି। କିନ୍ତୁ ନିଯୁକ୍ତି ବଜାରରେ ମହିଳାଙ୍କ ଶ୍ରମହାର ମାତ୍ର ୪୬ପ୍ରତିଶତ ରହିଛି। ଇଣ୍ଡୋନେସିଆରେ ଏହି ହାର ୬୮% ପ୍ରତିଶତ ଥିବାବେଳେ ଭିଏତନାମରେ ୭୪ ପ୍ରତିଶତ ରହିଛି। ଇଣ୍ଡୋନେସିଆ ଓ ଭିଏତନାମର ସ୍ଥିତି ଦୃଷ୍ଟିରୁ ଭାରତରେ ମହିଳା ଶ୍ରମ ଫୋର୍ସ ଅତି ନଗଣ୍ୟ, ଏ ନେଇ ଏବେ ଚିନ୍ତାକରିବାର ସମୟ ଆସିଛି। ଅବଶ୍ୟ ସରକାର ମହିଳା ସଶକ୍ତିକରଣ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ସୁଖର ବିଷୟ। ଯାହାକି ଦେଶର ଜନସଂଖ୍ୟା ନିୟନ୍ତ୍ରଣ କରିବାରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ। ତେବେ ଚୀନ ଏବେ ଯେଉଁ ସଂକଟର ସମ୍ମୁଖୀନ ହୋଇଛି, ସେଥିରୁ ଭାରତ କିଛି ଶିକ୍ଷା କରିବ ବୋଲି ଆମର ଆଶା।

**ସମ୍ମାନ ଭବନ,**
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# 'ଗୀତାଶାସ୍ତ୍ର ମିଦଂ ପୁଣ୍ୟଂ....'

ଶ୍ରୀମଦ୍ ଗୀତାର ବିଷୟ ବିଭିନ୍ନ ଯୋଗଃ ଭାବରେ ବର୍ଣ୍ଣିତ ହୋଇଛି । ସେଗୁଡ଼ିକ ହେଉଛି ଅର୍ଜୁନ ବିଷାଦ ଯୋଗଃ, ସାଂଖ୍ୟ ଯୋଗଃ, କର୍ମ ଯୋଗଃ, ଜ୍ଞାନ ଯୋଗଃ, କର୍ମ ସନ୍ନ୍ୟାସ ଯୋଗଃ, ଧ୍ୟାନ ଯୋଗଃ, ଜ୍ଞାନ ବିଜ୍ଞାନ ଯୋଗଃ, ତାରକ ବା ଅକ୍ଷର ବ୍ରହ୍ମ ଯୋଗଃ, ରାଜବିଦ୍ୟା ରାଜଗୁହ୍ୟ ଯୋଗଃ, ବିଭୁତି ଯୋଗଃ, ବିଶ୍ୱରୂପ ଦର୍ଶନ ଯୋଗଃ, ଭକ୍ତି ଯୋଗଃ, କ୍ଷେତ୍ରକ୍ଷେତ୍ରଜ୍ଞ ବିଭାଗ ଯୋଗଃ, ଗୁଣତ୍ରୟ ବିଭାଗା ଯୋଗଃ, ପୁରୁଷୋତ୍ତମ ଯୋଗଃ, ଦୈବାସୁର ସଂପଦ୍ ବିଭାଗ ଯୋଗଃ, ଶ୍ରଦ୍ଧାତ୍ରୟ ବିଭାଗ ଯୋଗଃ, ମୋକ୍ଷ ସନ୍ନ୍ୟାସୀ ଯୋଗଃ । ଓଡ଼ିଆ ଜନଜୀବନର ଏହି ଲୋକପ୍ରିୟ ଆଧ୍ୟାତ୍ମିକ ମାର୍ଗଦର୍ଶକ ପୁସ୍ତକଟିର ପ୍ରଥମ ଅଧ୍ୟାୟରେ ଅର୍ଜୁନ ବିଷାଦଯୋଗଃରୁ ଆରମ୍ଭ ହୋଇଛି । ଧୃତରାଷ୍ଟ୍ର ଉବାଚ ଭାବରେ 'ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ । ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ ।।' ଅର୍ଥ ଧୃତରାଷ୍ଟ୍ର ଯୁଦ୍ଧକ୍ଷେତ୍ରର ତମାମ ବିବରଣୀ ଶୁଣୁଥିବା ସଞ୍ଜୟଙ୍କୁ ପଚାରିଥିଲେ ଯେ, ଧର୍ମଭୂମି କୁରୁକ୍ଷେତ୍ରରେ ଯୁଦ୍ଧ ଅବ୍ୟସମ୍ଭାବି ହୋଇଥିବା ବେଳେ ଆମ ପୁଅ ଓ ପାଣ୍ଡୁପୁତ୍ର ମାନେ ସମବେତ ହୋଇ କ'ଣ କରୁଛନ୍ତି । ଶ୍ରୀମଦ୍ ଭଗବତ ଗୀତାର ମାହାତ୍ମ୍ୟର ସଂକ୍ଷିପ୍ତ ଲେଖନୀ ହେଉଛି – 'ଗୀତାଶାସ୍ତ୍ର ମିଦଂ ପୁଣ୍ୟଂ ଯଃ ପଠେତ୍ ପ୍ରୟତଃ ପୁମାନ୍ । ବିଷ୍ଣୋଃପଦ ମବାପ୍ନୋତି ଭୟ ଶୋକାଦି ବର୍ଜ୍ଜିତଃ ।। ଗୀତା ଧ୍ୟୟନଶୀଳସ୍ୟ ପ୍ରାଣାୟାମପରସ୍ୟଚ । ନୈବ ସନ୍ତି ହି ପାପାନି



ଶ୍ରୀମତୀ ଲକ୍ଷ୍ମୀ ପଟ୍ଟନାୟକ

ପୂର୍ବଜନ୍ମକୃତାନି ଚ ।। ମଳ ନିର୍ମୋଚନଂ ପୁଂସାଂ ଜଳସ୍ନାନଂ ଦିନେ ଦିନେ । ସକୃଦ୍‌ଗୀତ ମ୍ଭସି ସ୍ନାନଂ ସଂସାରମଳ ନାଶନଂ ।।' ଯାହାର ଓଡ଼ିଆ ଭାବାର୍ଥ ହେଉଛି ପ୍ରତ୍ୟହ ଏହି ପବିତ୍ର ଗୀତାକୁ ଯେ ପାଠ କରନ୍ତି ସେ ସମସ୍ତ ସାଂସାରିକ ଭୟ ଓ ଦୁଃଖ ତଥା ଶୋକରୁ ମୁକ୍ତ ହୋଇ ବିଷ୍ଣୁପଦ ବା ଭଗବାନଙ୍କର ପାଦପଦ୍ମରେ ଲୀନ ହୋଇଥାନ୍ତି । ଏହାସହ ପୂର୍ବ ଜନ୍ମର ସମସ୍ତ ପାପରାଶି ଏହି ପଠନ ଦ୍ୱାରା ଧ୍ୱଂସ ହୋଇଯାଇଥାଏ । ଗୀତା ପରି ଆଧ୍ୟାତ୍ମିକ ଚେତନାକୁ ସ୍ୱଚ୍ଛ କରୁଥିବା ମହାନ୍ ଶାସ୍ତ୍ର ପାଠ ଦ୍ୱାରା ଏହାର ଶ୍ରଦ୍ଧାଳୁମାନେ ଅମୃତ୍ୱଲାଭ କରିବେ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି – 'ପ୍ରାରବ୍ଧଂ ଭୁଞ୍ଜମାନୋହି ଗୀତାଭ୍ୟାସରତଃ ସଦା । ସମୁକ୍ତଃ ସ ସୁଖୀ ଲୋକେ କର୍ମଣା ନୋପଲିପ୍ୟତେ ।।' ଭଗବାନ ପଦ୍ମନାଭ ବା ଶ୍ରୀବିଷ୍ଣୁଙ୍କ ମୁଖ ପଦ୍ମରୁ ନିଃସୃତ ଗୀତା ପାଠଦ୍ୱାରା ପୁର୍ନଜନ୍ମ ଆଉ ସମ୍ଭବ ହୋଇ ନଥାଏ । ଶ୍ରୀମଦ୍ ଭାଗବତ ଗୀତାରେ ବର୍ଣ୍ଣିତ – 'ଭାରତାମୃତସର୍ବସ୍ୱଂ ବିଷ୍ଣୋର୍ବକ୍ତ୍ରା ଦ୍ୱିନିଃସୃତମ୍ । ଗୀତା ଗଙ୍ଗୋଦକଂ-ପୀତ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।।' ଗୀତାର ବର୍ଣ୍ଣନା ଅନୁଯାୟୀ ଯେଉଁ ସ୍ଥାନରେ ଶ୍ରୀବିଷ୍ଣୁଙ୍କ ମୁଖ ନିର୍ଗତ ଶ୍ରୀମଦ୍ ଗୀତା ପାଠ କରାଯାଏ ସେଠାରେ ପ୍ରୟାଗ ପରି ସମସ୍ତ ତୀର୍ଥ ସ୍ୱୟଂ ବିଦ୍ୟମାନ ହୋଇଥାନ୍ତି ଯାହାଦ୍ୱାରା ଗୀତା ରସ ପାନ କରୁଥିବା ଶ୍ରଦ୍ଧାଳୁମାନେ ତୀର୍ଥଫଳ ଲାଭ କରିଥାନ୍ତି । ଯାହା ଶ୍ରୀମଦ୍ ଗୀତାରେ ବର୍ଣ୍ଣିତ ହୋଇଛି – 'ଗୀତାୟାଃ ପୁସ୍ତକଂ ଯତ୍ର ଯତ୍ର ପାଠଃ ପ୍ରବର୍ତ୍ତତେ । ତତ୍ର ସର୍ବାଣି ତୀର୍ଥାନୀ ପ୍ରୟାଗାଦୀନି ତତ୍ର ବୈ ।।' ସଚ୍ଚିଦାନନ୍ଦ ଶ୍ରୀକୃଷ୍ଣ ମୁଖ ନିର୍ଗତ ଗୀତା ଦୈନିକ ପାଠ କଲେ ତାହା ଦିବ୍ୟଜ୍ଞାନ ଓ ସିଦ୍ଧି ଲାଭର ମାର୍ଗ ଦେଖାଇଥାଏ । ଯଦିବା କେହି ପ୍ରତ୍ୟେହ ସଂପୂର୍ଣ୍ଣ ଗୀତା ପାଠ ନକରି ଅଧାଭାଗ ପାଠ କରନ୍ତି ତେବେ ସେମାନେ ଗୋଦାନ ପରି ଅନ୍ୟତମ ଶ୍ରେଷ୍ଠଦାନର ପୁଣ୍ୟଫଳ ଲାଭ କରିଥାନ୍ତି । କିନ୍ତୁ ଯେ ପ୍ରତ୍ୟହ ଅତ୍ୟନ୍ତ ଏକାଗ୍ରତାର ସହିତ ହୃଦୟ ଭିତରେ ବିଷ୍ଣୁଙ୍କ ନାମ ସ୍ମରଣ ସହକାରେ ଏକ ଅଧ୍ୟାୟ ଗୀତା ପାଠ କରେ ସେ ରୁଦ୍ରଲୋକ ପ୍ରାପ୍ତ ହୋଇ ଶିବଲୋକରେ ବାସ କରିଥାଏ । ଶ୍ରୀମଦ୍ ଗୀତାର ସେହି ବିଲକ୍ଷଣ ପଂକ୍ତି ହେଉଛି – 'ଯୋଽଷ୍ଟାଦଶ ଜପୋ ନିତ୍ୟଂ ନରୋ ନିଶ୍ଚଳମାନସଃ । ଜ୍ଞାନସିଦ୍ଧିଂ ସ ଲଭତେ ତତୋ ଯାତି ପରଂପଦମ୍ ।। ପାଠେଽସମର୍ଥ ସମ୍ପୂର୍ଣ୍ଣେ ତତୋଽର୍ଦ୍ଧଂ ପାଠମାଚରେତ୍ । ତଦା ଗୋଦାନଜଂ ପୁଣ୍ୟଂ ଲଭତେ ନାତ୍ର ସଂଶୟଃ ।। ଅଧ୍ୟାୟଂ ଶ୍ଳୋକପାଦଂ ବା ନିତ୍ୟଂ ଯଃ ପଠତେ ନରଃ । ସ ଯାତି ନର ତାଂ ଯାବନ୍ମନ୍ୱନ୍ତରଂ ବସୁନ୍ଧରେ ।।' ଭାରତୀୟ ଆଧ୍ୟାତ୍ମିକ ଅନୁଚିନ୍ତନରେ ଶ୍ରୀମଦ୍ ଗୀତାର ସ୍ଥାନ ସ୍ୱତନ୍ତ୍ର । ଆଜି ବି ନିପଟ ମଫସଲ ଗ୍ରାମର ଭାଗବତ ଗାଦି ଘର ହେଉ ବା ଠାକୁରଙ୍କ ମଣ୍ଡପ । ସଂଧ୍ୟା ବେଳେ ଦିନ ତମାମର ନିଜ ନିଜ କାମଦାମ ସାରି ଅବସର ସମୟ ଭଗବତ୍ ଚିନ୍ତନରେ ବିତାଉଥିବା ଲୋକମାନେ ଗୀତା ପାଠ କରନ୍ତି ବା ଗୀତା ଶ୍ରବଣ କରନ୍ତି । ବିଶ୍ୱାସ ରହିଛି ଯେ, ଗୀତାର ଭାବଗତ ଅର୍ଥକୁ ଜଣେ ନ ବୁଝିଲେ ବି ଯଦି ଗୀତାଟି ପଠନ କରେ ବା ଶ୍ରବଣ କରେ ତାହାର ଆଧ୍ୟାତ୍ମିକ ଶକ୍ତି ଯଥେଷ୍ଟ । ମହାଭାରତ ଯୁଦ୍ଧର ସବୁଠାରୁ ସ୍ମରଣୀୟ ଓ ଅତ୍ୟନ୍ତ ମୂଲ୍ୟବାନ ମୁହୂର୍ତ୍ତ ଯୁଦ୍ଧକ୍ଷେତ୍ରରେ ପରମପ୍ରେମମୟ ଶ୍ରୀକୃଷ୍ଣ ଶଖା ଅର୍ଜୁନଙ୍କୁ ତାଙ୍କ ମାନସିକ ଶାନ୍ତି ଓ ତାଙ୍କ ଭିତରେ ରହିଥିବା ଅନେକ ଜିଜ୍ଞାସାବୋଧର ପ୍ରଶ୍ନର ଉତ୍ତର ମାଧ୍ୟମରେ ଭଗବତ ଗୀତାକୁ କହିଥିଲେ । ଆଜିର ବିଜ୍ଞାନ ଯୁଗରେ ବି ଭାଗବତ ଗୀତାର ପ୍ରାସଙ୍ଗିକତା ନିଶ୍ଚିନ୍ତ ଭାବରେ ଅତୀବ ଗୁରୁତ୍ୱପୂର୍ଣ୍ଣ । ଆମ ସାଧାରଣ ଜୀବନ ଭିତରେ ଅନେକ ଜଟିଳ ପ୍ରଶ୍ନ ହେଉ ବା ସଂସାର ବନ୍ଧନୀର ଚଳଣି ଭିତରେ ଗୀତାରେ ଶ୍ରୀକୃଷ୍ଣଙ୍କ ମାର୍ଗଦର୍ଶିତ ସମସ୍ତ ବାଣୀ ସେ ସବୁର ଯଥାର୍ଥ ଉତ୍ତର ପ୍ରତିଲେପନ କରିଛି । ଦିନକୁ ଦିନ ଶ୍ରୀମଦ୍ ଗୀତାର ସ୍ୱତନ୍ତ୍ରତା ଓ ଲୋକପ୍ରିୟତା ବରଂ ବୃଦ୍ଧି ପାଇବାରେ ଲାଗିଛି । କେବଳ ଭାରତୀୟ ନୁହଁନ୍ତି ବିଦେଶୀମାନେ ବି ଗୀତାର ଇଂରାଜୀ ଭାଷାନ୍ତରକୁ ପଢ଼ି ସେମାନଙ୍କ ଜୀବନର ଅନେକ ଅସମାହିତ ପ୍ରଶ୍ନର ଉତ୍ତର ପାଇବାକୁ ସମର୍ଥ ହେଉଛନ୍ତି । ଆଜିପରି କର୍ମବ୍ୟସ୍ତ ଓ ସଂସାରରେ ମାନବୀୟ ମୂଲ୍ୟବୋଧ ଅପଶ୍ରୁୟମାଣ ସମୟରେ ଶ୍ରୀମଦ୍ ଗୀତା ପାଠ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କର ବିଭିନ୍ନ ଜିଜ୍ଞାସାର ଯଥାର୍ଥ ଅମୂଲ୍ୟ ଦାନ । ଆଜି ପବିତ୍ର ଗୀତା ଜୟନ୍ତୀରେ ଆସନ୍ତୁ ସମସ୍ତେ ପରମପ୍ରେମମୟ ଶ୍ରୀକୃଷ୍ଣଙ୍କ ଦିବ୍ୟ ନାମସ୍ମରଣେ କରି ସମାଜରେ ଆଧ୍ୟାତ୍ମିକତାର ମହକକୁ ପରିବ୍ୟାପ୍ତ କରିବା ପାଇଁ ଦିବ୍ୟ ପଥ ପାଇଁ ନିଜକୁ ପ୍ରସ୍ତୁତ କରିବା ।

ଶିକ୍ଷୟିତ୍ରୀ, ଖଇରମାଳ, ଉପ୍ରା ବିଦ୍ୟାଳୟ,
କୁରମେଲ ଗ୍ରାମାପଞ୍ଚାୟତ, ନର୍ଲା, କଳାହାଣ୍ଡି

# ପଶ୍ଚିମ ଓଡ଼ିଶାର ଟାଣୁଆ ରାଜନେତା ନବକିଶୋର ଦାସ

ଓଡ଼ିଶାର ଅନ୍ୟତମ ବିଶିଷ୍ଟ ରାଜନେତା ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ୬୧ ବର୍ଷ ବୟସରେ ଏକ ଦୁଃଖଦ ଘଟଣା କ୍ରମରେ ପରଲୋକ ହୋଇଛି। ପଶ୍ଚିମ ଓଡ଼ିଶାର ଅନ୍ୟତମ ଟାଣୁଆ ନେତା ଭାବେ ସେ ପରିଚିତ ଥିଲେ। ୧୯୬୨ରେ ସମ୍ବଲପୁରର ମିର୍ଗାମୁଣ୍ଡାରେ ତାଙ୍କର ଜନ୍ମ। ପ୍ରଥମେ ୧୯୭୮ରେ ସେ ଅଲ ଇଣ୍ଡିଆ ଷ୍ଟୁଡେଣ୍ଟ ଫେଡେରେସନର ସଦସ୍ୟ ହୋଇଥିଲେ ଓ ୧୯୮୦ରେ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। କିଛି ଦିନ ତଳେ ମହାରାଷ୍ଟ୍ରର ଶନି ମନ୍ଦିରକୁ ଦାନ ଦେଇ ସେ ବଡ଼ ଚର୍ଚ୍ଚାରେ ଥିଲେ। ୧୯୮୨ ମସିହାରେ ସେ ଛାତ୍ର ସଂସଦର ସାଧାରଣ ସଂପାଦକ ପଦ ପାଇଁ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ଏହାପରେ ସେ କେବେ ଛାତ୍ର ସଂସଦର କୌଣସି ପଦ ପଦବୀ ଅଳଂକୃତ କରିନଥିଲେ, ତଥାପି ସେ ପ୍ରାୟ ଦେଢ଼ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଜିଏମ କଲେଜର ଛାତ୍ର ସଂସଦ ରାଜନୀତିରେ ନିଜର ପ୍ରଭାବ ରଖି ଆସିଥିଲେ। ସେପଟେ ସମ୍ବଲପୁରରେ ଛାତ୍ର ଜୀବନ ବାହାରେ କୌଣସି ନିର୍ବାଚନ ମଧ ସେ ଲଢ଼ିନଥିଲେ ହେଁ ସମଗ୍ର ଜିଲ୍ଲାର ରାଜନୀତିରେ ନିଜର ଦବଦବା ରଖି ଆସିଥିଲେ। ଛାତ୍ର ଜୀବନରୁ କଂଗ୍ରେସରେ ସାମିଲ ହୋଇ ଛାତ୍ର କଂଗ୍ରେସର ରାଜ୍ୟ ସାଧାରଣ ସଂପାଦକ ଦାୟିତ୍ୱ ତୁଲାଇଥିଲେ। ଆଉ ପରବର୍ତ୍ତୀ ସମୟରେ ଯୁବ କଂଗ୍ରେସର ରାଜ୍ୟ ଉପସଭାପତି, ପ୍ରଦେଶ କଂଗ୍ରେସ କମିଟିର ସଂପାଦକ ଏବଂ ପରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସେ ଅତି ଘନିଷ୍ଠ ଭାବେ ରାଜ୍ୟ ରାଜନୀତିରେ ବି ବେଶ ପ୍ରଭାବଶାଳୀ ଥିଲେ। ର୍ବାଚନ ରାଜନୀତିରେ ନବ ବାବୁ ପାଦ ଥାପିଥିଲେ ଗତ ୨୦୦୪ ମସିହାରେ। ପ୍ରଥମ କରି ୨୦୦୪ ସାଧାରଣ ନିର୍ବାଚନରେ ସେ ଝାରସୁଗୁଡ଼ା ବିଧାନସଭା କ୍ଷେତ୍ରରୁ କଂଗ୍ରେସ ଟିକଟରୁ ନିର୍ବାଚନ ଲଢ଼ିଥିଲେ। ମାତ୍ର ବିଜେଡ଼ି ପ୍ରାର୍ଥୀ କିଶୋର କୁମାର ମହାନ୍ତିଙ୍କ ଠାରୁ ସେ ପରାସ୍ତ ହୋଇଥିଲେ। କିଶୋର ମହାନ୍ତି ୬୧ ହଜାର ୨୯୫ ଖଣ୍ଡ ଭୋଟ ପାଇଥିବାବେଳେ ନବ କିଶୋର ଦାସଙ୍କୁ ୫୦ ହଜାର ୧୩୬ ଖଣ୍ଡ ଭୋଟ ମିଳିଥିଲା। ମାତ୍ର ୨୦୦୯ ମସିହାରେ କଂଗ୍ରେସ ଦଳରୁ ଝାରସୁଗୁଡ଼ା ବିଧାନ ସଭା କ୍ଷେତ୍ରରୁ ପୁଣିଥରେ ପ୍ରାର୍ଥୀ ହୋଇ ସେ ବିଜେଡ଼ିର ଟାଣୁଆ ନେତା କିଶୋର କୁମାର ମହାନ୍ତିଙ୍କୁ ପରାସ୍ତ କରିଥିଲେ। ଅବଶ୍ୟ ଏହି ନିର୍ବାଚନ ପୂର୍ବରୁ ଝାରସୁଗୁଡ଼ା ବିଧାନସଭା କ୍ଷେତ୍ରର ପୁନଃ ସୀମା ନିର୍ଦ୍ଧାରଣ ହେବା ଯୋଗୁଁ ଲଇକେରା



ବାଦଲ ଭୂୟାଁ

ବିଧାନସଭା କ୍ଷେତ୍ର ଝାରସୁଗୁଡ଼ା ମଧ୍ୟରେ ବିଲୀନ ହେବା ସହ ରେଙ୍ଗାଲି, ହୀରାକୁଦ ଅଞ୍ଚଳ ବାଦ ପଡ଼ିଥିଲା। ନବ ବାବୁ ୨୦୦୯ ମସିହାରେ ବିଧାୟକ ନିର୍ବାଚିତ ହେବା ପରଠାରୁ ଆଉ ପଛକୁ ମୋଡ଼ି ଦେଖି ନଥିଲେ। ୨୦୧୪ ନିର୍ବାଚନରେ ପୁଣିଥରେ ସେ କଂଗ୍ରେସରୁ ପ୍ରାର୍ଥୀ ହୋଇ ବିଜେଡ଼ିର କିଶୋର ମହାନ୍ତିଙ୍କୁ ପରାସ୍ତ କରିଥିଲେ। ୨୦୧୯ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ସେ କଂଗ୍ରେସ ଛାଡ଼ି ବିଜେଡ଼ିରେ ମିଶିଥିଲେ। ଝାରସୁଗୁଡ଼ା ଠାରେ ଏକ ବିରାଟ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେବା ପରେ ୨୦୧୯ ନିର୍ବାଚନରେ ଝାରସୁଗୁଡ଼ାରୁ ବିଜେଡ଼ି ପ୍ରାର୍ଥୀ ହୋଇଥିଲେ। ନିର୍ବାଚନ ଲଢ଼ି ସେ ବିଜେପି ପ୍ରାର୍ଥୀ ଦିନେଶ ଜୈନଙ୍କୁ ବିପୁଳ ଭୋଟରେ ପରାସ୍ତ କରିଥିଲେ। ଏହି ନିର୍ବାଚନ ଜିଣିବା ପରେ ତାଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ମିଳିଥିଲା। ସେ କୋଭିଡ଼ ମହାମାରୀ ସମୟରେ ବି ସଫଳତାର ସହ କାର୍ଯ୍ୟକରି ପ୍ରଶଂସା ଅର୍ଜନ କରି ପାରିଥିଲେ। ପରେ ମନ୍ତ୍ରୀମଣ୍ଡଳ ସଂପ୍ରସାରଣ ସମୟରେ ପୁଣିଥରେ ନିଜ ବିଭାଗ ବଜାୟ ରଖିଥିଲେ। ବିଜେଡ଼ିରେ ଥିଲେ ମଧ ବିଜେପି ସାଂସଦ ସୁରେଶ ପୂଜାରୀ ଏବଂ ବ୍ରଜରାଜନଗରର ତତ୍କାଳୀନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ସହ ଉତ୍ତମ ସଂପର୍କ ଏବଂ ସମନ୍ୱୟ ରକ୍ଷା କରି ବିକାଶଧାରାକୁ ତ୍ୱରାନ୍ୱିତ କରି ଚାଲିଥିଲେ। ତାଙ୍କ ସମୟରେ ଝାରସୁଗୁଡ଼ାରେ ବିମାନ ବନ୍ଦରର ବିକାଶ ସହ ବୃହତ ଷ୍ଟାଡିୟମ, ବହୁତଳ ବିଶିଷ୍ଟ ଜିଲ୍ଲା ସଦର ଡାକ୍ତରଖାନା, ହାର୍ଟ ଓ କ୍ୟାନସର ହସ୍ପିଟାଲ, ନୂତନ ବସଷ୍ଟାଣ୍ଡ ସାଙ୍ଗକୁ ସରବାହାଲ ରେଳ ଓଭରବ୍ରିଜ ଆଦିର ଭିତ୍ତି ପକାଇଥିଲେ। ଝାରସୁଗୁଡ଼ା ବିକାଶରେ ନବ ବାବୁଙ୍କ ଏକ ବଡ଼ ଯୋଗଦାନ ରହିଛି। ତାଙ୍କର ରାଜନୈତିକ ପରାକ୍ରମ ଓ ପତିଆରା ଦିନକୁ ଦିନ ବେଶ ବୃଦ୍ଧି ପାଇ ଚାଲିଥିଲା। ନିଜର ରାଜନୈତିକ ଉତ୍ତରାଧିକାରୀ କ୍ରମରେ ସେ ନିଜର ଝିଅ ସୁଶ୍ରୀ ଦୀପାଳି ଦାସଙ୍କ ମଇଦାନରେ ପରିଚିତ କରାଇଥିଲେ। ଦଳରେ ସେ କ୍ରାଇସିସ୍ ମ୍ୟାନେଜରର ଭୂମିକା ନିର୍ବାହ କରୁଥିଲେ। ବାଲେଶ୍ୱର ଉପ ନିର୍ବାଚନ ସାଙ୍ଗକୁ ପଦ୍ମପୁର ଉପ ନିର୍ବାଚନରେ ଦାୟିତ୍ୱ ମୁଣ୍ଡେଇ ସେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବାରେ ବଡ଼ ଭୂମିକା ନେଇଥିଲେ। ଯାହାକି ଦଳ ଭିତରେ ତାଙ୍କର ରାଜନୈତିକ ଉଚ୍ଚତାକୁ ବୃଦ୍ଧି କରିଥିଲା। ରାଜ୍ୟରେ ଶାସକ ବିଜେଡ଼ିର ଆଗଧାଡ଼ିର ନେତାଙ୍କ ମଧ୍ୟରେ ତାଙ୍କୁ ଗୁରୁତ୍ୱ ଦିଆଯିବା ସହ ଗଣା ଯାଉଥିଲା। ତାଙ୍କର ଅବର୍ତ୍ତମାନରେ ପଶ୍ଚିମ ଓଡ଼ିଶାରେ ଦଳୀୟ ସଂଗଠନ ଆଗକୁ କିଭଳି ରୂପ ନେବ ତାହା ଏକ ବଡ଼ ପ୍ରଶ୍ନ ହୋଇଛି। ଏପରି ଜଣେ ବିଶିଷ୍ଟ ରାଜନେତାଙ୍କ ପରଲୋକ ଅତ୍ୟନ୍ତ ଦୁଃଖଦ ଓ ମର୍ମାହତ ଖବର। ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଉଛି।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ :*
*୭୪୮୮୯୯୮୫୩୨ /*
*୯୨୦୪୬୫୨୦୬୫*




# ନଗରୀ ଗ୍ରାମ ପଞ୍ଚାୟତରେ ଘରେ ଘରେ ପୁଷ୍ଟି ପ୍ରୟାସ କାର୍ଯ୍ୟକ୍ରମ

**ଫୁଲନଖରା,(ପିଏନ) :-** କଟକ ସଦର ଥାନା ଅନ୍ତର୍ଗତ ବାରଙ୍ଗ ବ୍ଲକ ଅଧିନସ୍ଥ ନଗରୀ ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କର ଉଦ୍ୟାନ ବିଭାଗ ତରଫରୁ ଘରେ ଘରେ ପୁଷ୍ଟି ପ୍ରୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ବଳ ଶିଶୁ ଏବଂ ରକ୍ତହୀନତାରେ ଆକ୍ରାନ୍ତ ଗର୍ଭବତୀ ମା' ମାନଙ୍କୁ ପୁଷ୍ଟିକର ଗଛର ଚାରା ଯଥା ସଜନା, ଅମୃତଭଣ୍ଡା, ଲେମ୍ବୁ, କଦଳୀ ଏବଂ ପନିପରିବା ମଞ୍ଜିର ଏକ କୀଟ୍ ବଣ୍ଟନ କରାଯାଇଛି ଓ ଏହି କାର୍ଯ୍ୟକ୍ରମକୁ ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ବାରଙ୍ଗ ବ୍ଲକ ଶ୍ରୀମତୀ. ପୁଷ୍ପିତା ସାହୁ, ଉଦ୍ୟାନ ଅଧିଦର୍ଶକ ବାରଙ୍ଗ ବ୍ଲକ ଶ୍ରୀଯୁକ୍ତ ନରେନ୍ଦ୍ର କୁମାର ପରିଡା, ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମଚାରୀ ବାରଙ୍ଗ ବ୍ଲକ କହ୍ନେୟାଲାଲ୍ ହେମବ୍ରମ୍ ,ଉଦ୍ୟାନ କୃଷି ସମ୍ପ୍ରସାରଣ କର୍ମଚାରୀ ବାରଙ୍ଗ ବ୍ଲକ ଶ୍ରୀଯୁକ୍ତ ତ୍ରିନାଥ ଜେନା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଶ୍ରୀ ନରୋତ୍ତମ ଦାସ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ମଲ୍ଲିକ, ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, ୱାର୍ଡ ସଭ୍ୟ ବରଦା ପ୍ରସାଦ ବେଉରା, ଅଙ୍ଗନୱାଡି କର୍ମଚାରୀ ସୁକାନ୍ତି ନାଥ, ରାଜଶ୍ରୀ ଜେନା, ବିଣାପାଣୀ ସାହୁ, ଅନୀତାରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଙ୍କୁଶପୁର ତକ୍ଷଶିଳା ଆବାସିକ ବିଦ୍ୟାଳୟର ୨୨ ତମ ବାର୍ଷିକ ଉତ୍ସବ ପାଳିତ

**ବ୍ରହ୍ମପୁର,(ପିଏନ)-**ରବିବାର ଦିନ ସ୍ଥାନୀୟ ଆଙ୍କୁଶପୁର ତକ୍ଷଶିଳା ଆବାସିକ ବିଦ୍ୟାଳୟର ହୋଇଥିଲା । ଏଥରେ ଆମନ୍ତ୍ରିତ ମୁଖ୍ୟଅତିଥି ରୂପେ ଶ୍ରୀମତି ବିନିତା ୨୨ତମ ବାର୍ଷିକ ଉତ୍ସବ ପାଳିତ ସେନାପତି ( OES - I ) ( ମାନନୀୟ । ଗଂଜାମ ଜିଲ୍ଲା ଶିକ୍ଷାଧିକାରୀ , ବ୍ରହ୍ମପୁର , ଗଂଜାମ ) , ମୁଖ୍ୟବକ୍ତା ରୂପେ ନୃସିଂହ ଚରଣ ମିଶ୍ର ( OES - II ) ( ବ୍ଲକ ଶିକ୍ଷାଧିକାରୀ ) ( କୁକୁଡାଖଣ୍ଡି ବ୍ଲକ୍ ) ଏବଂ ସମ୍ମାନୀୟ ଅତିଥି ରୂପେ ଶ୍ରୀ କାମାକ୍ଷ ପ୍ରସ ସ ଦ ପାତ୍ର , ଚେୟାରମେନ , କୁକୁଡାଖଣ୍ଡି ବ୍ଲକ୍ ) , ଶ୍ରୀ ମୁରଲୀ ସେଠୀ ( ସ୍ଥାନୀୟ ସରପଞ୍ଚ ) ( ଆଙ୍କୁଶପୁର ), ଶ୍ରୀ ସୁରେଶ ସେଠୀ ଉକ୍ତ ଉତ୍ସବରେ ସଦୟ ଯୋଗଦାନ କରିଥିଲେ । ତକ୍ଷୟିଳା ଆବାସିକା ବିଦ୍ୟାଳୟର ପରିଚାଳନା କମିଟିର ଚେୟାରମେନ ଶ୍ରୀବଜରଙ୍ଗ ଲାଲ ଚୌଧୁରୀ , ସେ ଟେରୀ ଶ୍ରୀ ପବନ



କୁମାର ଚୌଧୁରୀ , ଡ଼ାଇରେକ୍ଟର ଶ୍ରୀ ରବିଶଙ୍କର ଚୌଧୁରୀ । ଅନୁଷ୍ଠାନର ପ୍ରଧାନଶିକ୍ଷକ ଶ୍ରୀ ହରପ୍ରସାଦ ପଣ୍ଡା , ପ୍ରଧାନଶିକ୍ଷକ ଶ୍ରୀ ନାଗେଶ୍ୱର ରାଓ ସହକାରୀ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ପାତ୍ର ତଥା ଏହି ଶିକ୍ଷାନୁଷ୍ଠାନର ସକଳ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମକର୍ତ୍ତା , ଛାତ୍ରଛାତ୍ରୀ ତଥା ଆମନ୍ତ୍ରିତ ଅଭିଭାବକ ମାନଙ୍କ ଶୁଭ ଉପସ୍ଥିତି ଉକ୍ତ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲା । ଉତ୍ସବ ପ୍ରାରମ୍ଭରେ ଶ୍ରୀ ବଜରଙ୍ଗ ଲାଲ ଚୌଧୁରୀ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମେନ ଆମନ୍ତ୍ରିତ ଅତିଥିମାନଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ଜଣାଇ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ନାଗେଶ୍ୱର ରାଓ - ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ସଭାରେ ଆମନ୍ତ୍ରିତ ଅତିଥ୍ୟଗଣ ନୂତନ ଶିକ୍ଷାନୀତି , ଛାତ୍ରମାନଙ୍କ ଆଦର୍ଶ , କର୍ତ୍ତବ୍ୟବୋଧ , ନୈତିକତା , ଆନୁଷ୍ଠାନିକ ଶୃଙ୍ଖଳା ରକ୍ଷା ଓ ସମୟର ସୁଉପଯୋଗ ପାଇଁ ପରାମର୍ଶ ଦେଇଥିଲେ । ପରେ ପରେ ମୁଖ୍ୟ ଅତିଥି ବିଦ୍ୟାଳୟର ବିଭିନ୍ନ କ୍ରୀଡା ବିଭାଗରେ ଓ NCC ( ଜାତୀୟ ସମର ଶିକ୍ଷାର୍ଥୀ ବାହିନୀରେ ) ରାଜ୍ୟପାଳ ପୁରସ୍କାରପ୍ରାପ୍ତ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ସର୍ବୋପରି ବିଦ୍ୟାଳୟର ପରିଚାଳନା କର୍ତ୍ତୃପକ୍ଷ ସମସ୍ତ କର୍ମଚାରୀ ତଥା ଶିକ୍ଷକମାନଙ୍କ ସହଯୋଗ ଓ ସୁପରିଚାଳନାରେ ଉତ୍ସବଟି ସାଫଲ୍ୟ ମଣ୍ଡିତ ହୋଇଥିଲା । ପରିଶେଷରେ ଶ୍ରୀମତି କଳ୍ପନା ପାତ୍ର ସଭିଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା । ଯାହାକି ବିଦ୍ୟାଳୟ ପରିସରକୁ ଉତ୍ସବମୁଖର କରିଥିଲା ।

# ପୁରୀ ବାଲିଘାଇ କ୍ରୀୟାଯୋଗ ସଂଗଠନ ଆନୁକୁଲ୍ୟରେ ରାଜ୍ୟସ୍ତରୀୟ ବାର୍ଷିକ ଗୀତା ପ୍ରଶ୍ନୋତ୍ତର ପ୍ରତିଯୋଗିତା



**ପୁରୀ,(ପିଏନ)-** ପୁରୀ ବାଲିଘାଇ କ୍ରୀୟାଯୋଗ ସଂଗଠନ ଆନୁକୁଲ୍ୟରେ ରାଜ୍ୟସ୍ତରୀୟ 'ବାର୍ଷିକ ଗୀତା ପ୍ରଶ୍ନୋତ୍ତର ପ୍ରତିଯୋଗିତା' , ସଂଯୋଜକ ଶ୍ରୀ ବିଶ୍ୱନାଥ ପାଢୀଙ୍କ ଅଧକ୍ଷତାରେ, ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ଗୋଷାଣୀ ନୂଆଗାଁ ବ୍ରହ୍ମପୁର ଠାରେ ଆୟୋଜିତ ହେଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନ ରୁ ଅନ୍ୟୁନ ୪୧୦ ଜଣ ପଞ୍ଜିକରଣ କରିଥିବା ବେଳେ, ୨୪୭ଜଣ ପରୀକ୍ଷାର୍ଥୀ ଭାଗ ନେଇଥିଲେ। ସାରା ରାଜ୍ୟରେ ଅନ୍ୟୁନ ୪୯୫୦ ଜଣ ଭାଗ ନେଇଥିବା ସୂଚନା ଦେଇଛନ୍ତି। ରାଜ୍ୟସ୍ତରରେ ମୋଟ ୯ଟି ପ୍ରମୁଖ ଓ ୬୦ଟି ସାନ୍ତ୍ୱନା ମୂଳକ ନଗଦ ରାଶିକୁ ପ୍ରଦାନ କରାଯିବ । କାର୍ଯ୍ୟକ୍ରମ ପରିଚାଳନାରେ, ଶିଶୁ ମନ୍ଦିର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗିତା ନିମନ୍ତେ ସାଧୁବାଦ।

# ଅକ୍ଷୟ କୁମାର ପରିଜାଙ୍କୁ ଦୁବାଇ ସରକାରଙ୍କ ଦ୍ୱାରା ଗୋଲଡ଼େନ୍ ଭିସା ପ୍ରଦାନ









**ଖୋର୍ଦ୍ଧା,(ପିଏନ)-**ବିଶିଷ୍ଟ ପ୍ରଯୋଜକ ଅକ୍ଷୟ କୁମାର ପରିଜାଙ୍କୁ ଚଳଚିତ୍ର ତଥା ଟେଲିଭିଜନ ଜଗତରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେଲିବ୍ରେଟ୍ ଆର୍ଟିଷ୍ଟି କ୍ୟାଟେଗୋରୀରେ ଦୁବାଇ ସରକାରଙ୍କ ଦ୍ୱାରା ଗୋଲଡ଼େନ୍ ଭିସା ପ୍ରଦାନ କରାଯାଇଛି । ଓଡ଼ିଆ ବଙ୍ଗଳା ହିନ୍ଦୀ ମାଲାୟଲମ୍ ଭାଷାରେ ୩୩ଟି ଚଳଚିତ୍ରରେ ସେ ଜଣେ ସଫଳ ପ୍ରଯୋଜକ। ଓଡ଼ିଶାରେ ନିଜର ସବୁଠାରୁ ବଡ଼ ଘରୋଇ ଷ୍ଟୁଡ଼ିଓରେ ଏକ ଦଶନ୍ଧି ଧରି ୭ହଜାରରୁ ଅଧିକ ଟେଲିଭିଜନ୍ ଏପିସୋଡ଼ କରିବା ସହ ୩୫୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି । ଶ୍ରୀଯୁକ୍ତ ପରିଜାଙ୍କୁ ଶାହାରୁ ଖାନ୍, ମୋହନ୍‌ଲାଲ, ମାମୁଟି, ସୁନିଲ ସେଠୀ, ସୋନୁନିଗମ ପରି ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହ ସମକକ୍ଷ ଏହି ଭିସା ପ୍ରଦାନ କରାଯାଇଥିବାରୁ ଏହା ନିଶ୍ଚିତ ଭାବରେ ରାଜ୍ୟ ପାଇଁ ସମ୍ମାନ ତଥା ଗୌରବର ବିଷୟ। ଶ୍ରୀ ପରିଜା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ଟିମ୍‌କୁ ଧନ୍ୟବାଦ ଦେବା ସହ ଖୁବ୍ ଶୀଘ୍ର ଭୁବନେଶ୍ୱର ଏବଂ ଦୁବାଇ ମଧ୍ୟରେ ସିଧା ସଳଖ ବିମାନ ଉଡ଼ାଣ ହେବ ଦୁବାଇ ଏବଂ ଓଡ଼ିଶା ମଧ୍ୟରେ ମୋର ସମୟ ସମାନ ଭାବରେ ବାଂଟିବାକୁ ମୁଁ ପ୍ରସ୍ତାବ ଦେଇଛି ବୋଲି ଶ୍ରୀ ପରିଜା କହିଛନ୍ତି। ଦୁଇଟି ଜାତୀୟ ପୁରସ୍କାର ୪୩ଟି ରାଜ୍ୟ ପୁରସ୍କାର ଏବଂ ୧୬ଟି ଆନ୍ତର୍ଜାତୀୟ ପୁରସ୍କାରର ଅଧିକାରୀ ଶ୍ରୀ ପରିଜା ଓଡ଼ିଶା ସିନେ ଏବଂ ଟେଲିଭିଜନ୍ ଜଗତ ସହିତ ଏକ ଭାବ ପ୍ରବଣତାର ସମ୍ପର୍କ ରଖି ଆସିଛନ୍ତି ଏବଂ କଳାକାର ସମାଜ ପାଇଁ ଭଲ ବିଷୟବସ୍ତୁ ଏବଂ ନିଯୁକ୍ତି ସୃଷ୍ଟି କରିବାରେ ତାଙ୍କର ଅତୁଳନୀୟ ଅବଦାନ ରହିଛି। ଆଗାମୀ ଦିନରେ ଓଡ଼ିଶା ଏକ ଆନ୍ତର୍ଜାତୀୟ ଚଳଚିତ୍ରର ସ୍ୱତନ୍ତ୍ର ସ୍ଥାନ ହେବ ବୋଲି ଶ୍ରୀ ପରିଜା ମତବ୍ୟକ୍ତ କରିଛନ୍ତି।

# ଉଦ୍‌ଯାପିତ ହେଲା ୨୩ତମ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ଉତ୍ସବ

**ବାଲେଶ୍ୱର,(ପିଏନ)-**ଚାନ୍ଦିପୁର ବେଳାଭୂମୀ ମହୋତ୍ସବର ଶେଷ ସଂଧ୍ୟାରେ ବାଲେଶ୍ୱର ଜିଲ୍ଲା ପରିଷଦର ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ ଯୋଗଦେଇ ଚାନ୍ଦିପୁର ପର୍ଯ୍ୟଟନ ର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଓ ସରକାରଙ୍କ ତରଫରୁ କିଭଳି ଅଧିକ ବିକାଶ କରାଯାଇ ପାରିବ ସେଥିପ୍ରତି ଧ୍ୟାନ ଦେବେ ବୋଲି ମତପ୍ରକାଶ କରିଥିଲେ ।

ବାଲେଶ୍ୱର ମୁନିସିପାଲିଟି ର ଅଧକ୍ଷା ସବିତା ସାହୁ କହିଥିଲେ କି ଏଇ ବେଳାଭୂମି ମହୋତ୍ସବ ଅନେକ କଳାକାର ସୃଷ୍ଟି କରିଛି । ବାଲେଶ୍ୱର ଫକୀରମୋହନ ଙ୍କ ମାଟି । କଳା ସଂସ୍କୃତି ର ମାଟି । ସେଇ ମାଟିରେ ଚାନ୍ଦିପୁର ଭଳି ଅନନ୍ୟ ବେଳାଭୂମି ର ଆବଶ୍ୟକ ସୌନ୍ଦର୍ଯ୍ୟକରଣ ଆଶାନୁରୂପ ହୋଇ ପାରି ନଥିବାରୁ ସେ କ୍ଷୋଭ ପ୍ରକାଶ କରିବା ସହ ଭବିଷ୍ୟତରେ ଏହାର ବିକାଶ ପାଇଁ ଆଶାପୋଷଣ କରିଥିଲେ । ସେ ଏହି ଅବସରରେ ବେଳାଭୂମି ଉତ୍ସବ ର ପ୍ରଥମ ଉଦ୍ୟକ୍ତା ସ୍ୱର୍ଗତ ବିସ୍ମୟ ମହାନ୍ତି ଙ୍କୁ ମଧ୍ୟ ମନେ ପକାଇଥିଲେ ।

ଚାନ୍ଦିପୁର ସରପଂଚ ପୂର୍ଣ୍ଣିମା ଜେନା ମଧ୍ୟ ମଂଚରେ ଉପସ୍ଥିତ ଥିଲେ ।

ପର୍ଯ୍ୟଟନ ବିଭାଗର ଉପ ନିର୍ଦ୍ଦେଶକ ଗଗନ ସାହୁ କହିଥିଲେ କି ପର୍ଯ୍ୟଟନ ବିଭାଗ ସଦାବେଳେ ପର୍ଯ୍ୟଟନ କ୍ଷେତ୍ର ର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରିଥାଏ, ତା ମଧ୍ୟରେ ବେଳାଭୂମି ମହୋତ୍ସବ ଅନ୍ୟ ଏକ କାର୍ଯ୍ୟକ୍ରମ । ଚାନ୍ଦିପୁର ବେଳାଭୂମି ପାଇଁ ରାଜ୍ୟ ସରକାର ଅଗ୍ରାଧିକାର ଭିତରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ହାତକୁ ନେଇଥିବା କଥା ପ୍ରକାଶ କରିଥିଲେ ।

ବେଳାଭୂମୀ ଉତ୍ସବ କମିଟିର ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲା । ସଂପାଦକ କିଶୋର ଦାସ ଅତିଥିଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ଉତ୍ସବ କମିଟିର ସାଧାରଣ ସମ୍ପାଦକ ହରେକୃଷ୍ଣ ଦାଶ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ ।

ଶେଷରେ ସଂପାଦକ ଭାଗବତ ସାହୁ ବେଳାଭୂମୀ ମହୋତ୍ସବକୁ ସଫଳ କରାଇଥିବାରୁ ପୋଲିସ ବିଭାଗ, ସମସ୍ତ ଛପା ଓ ବୈଦୁତ୍ୟିକ ଗଣମାଧ୍ୟମ, ଅଗ୍ନିଶମ ବାହିନୀ, ବିଦ୍ୟୁତ ବିଭାଗ ସହିତ ସମସ୍ତ ଦର୍ଶକଙ୍କୁ ଧନ୍ୟବାଦ ଦେଇଥିଲେ ।

ବେଳାଭୂମି ଉତ୍ସବ କମିଟିର ସଭାପତି ତଥା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି କଥା ଉତ୍ସବରେ ଶ୍ରୀଯୁକ୍ତ ଦାଶ ଚାରିଦିନ ଧରି ବେଳାଭୂମୀ ମହୋତ୍ସବକୁ ସଫଳ କରାଇଥବାରୁ ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ସର୍ବୋପରି ସ୍ଥାନୀୟ ବାସିନ୍ଦାଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ବିୟୋଗ ପାଇଁ ଉତ୍ସବ କମିଟି ପକ୍ଷରୁ ଶୋକ ପ୍ରକାଶ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କମିଟିର ଅତିରିକ୍ତ ସାଧାରଣ ସଂପାଦକ ଭାବଗ୍ରାହୀ ମହାନ୍ତି, ସମରେନ୍ଦ୍ର ଦାସ, ସହ ସମ୍ପାଦକ ହାଇଦର ଖାନ, ସଦସ୍ୟ ଆଲମ ଅଲ୍ଲୀ ଖାନ, ଅପର୍ଣ୍ଣା ମହାପାତ୍ର, ସତ୍ୟପ୍ରିୟ ମହାନ୍ତି, ଶ୍ରୀକାନ୍ତ ନାୟକ, ଜ୍ୟୋତିର୍ମୟୀ ସାମଲ, ପାନ୍ଥ ନିବାସର ପରିଚାଳକ ଅରୁଣ କୁମାର ଜେନା ପ୍ରମୁଖ ମଂଚାସୀନ ଥିଲେ । କମିଟିର ସଦସ୍ୟ ଗୌରାଂଗ ଦାସ, ଉପେନ୍ଦ୍ର ବେହେରା, କାର୍ତିକ ରଣା ପ୍ରମୁଖ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ । ସାଂସ୍କୃତିକ ସମ୍ପାଦକ ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନ ମହାନ୍ତି ମଂଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଲକ୍ଷ୍ମୀକାନ୍ତ ସ୍ୱାଇଁ, ଅନୁପମ ମିଶ୍ର ଓ ସନ୍ୟାସୀ ମାହାର୍ଣ୍ଣା କାର୍ଯ୍ୟକ୍ରମ ସଂଯୋଜନା ଓ ମଂଚ ସଂଚାଳନ ରେ ସହଯୋଗ କରିଥିଲେ ।

ଏହି ଅବସରରେ ତପନ ଜେନାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ତାଜ ଖାନ, ଶ୍ରୀକାନ୍ତ ନାୟକ, ସଞ୍ଜୟ ଦାସ, କୁନିସ୍ମିତା ମାଝୀ, ସନ ରାଇଜ କ୍ଲବ ଇତ୍ୟାଦିଙ୍କୁ ପୁରସ୍କୃତ କରାଯିବା ସହ ଚାନ୍ଦିପୁର ଜିପିଏଲଏଫର ମହିଳା ମାନଙ୍କୁ ବେଳାଭୂମି ସଫେଇ ପାଇଁ ସମ୍ମାନିତ କରାଯାଇଥିଲା ।

ବେଳାଭୂମି ମହୋତ୍ସବ ଅବସରରେ ମନୋରଞ୍ଜନ ପାଇଁ ନାଗର ଦୋଳି, ଚାନ୍ଦିପୁର ପ୍ରତିରକ୍ଷା ବିଭାଗ ଦ୍ୱାରା ବିଭିନ୍ନ ଟ୍ୟାଙ୍କ ର ପ୍ରଦର୍ଶନ, ଟାଟା ପାୱାର ଭଳି କିଛି ସଂସ୍ଥା ଦ୍ୱାରା ସଚେତନତା ପାଇଁ ଷ୍ଟଲ ସହିତ ଖାଦ୍ୟ ସାମଗ୍ରୀର ଦୋକାନ ବଜାରରେ ମଧ୍ୟ ବେଶ ଭିଡ ପରିଲକ୍ଷିତ ହୋଇଥଲା ।

ଶେଷ ସନ୍ଧ୍ୟା ରେ ରୟାଲ ଡେନ୍ସ ଗ୍ରୁପ, ଗୋଲଡେନ ବ୍ରିଟ ଗ୍ରୁପ, ଲିଟିଲ ଷ୍ଟାର ଡେନ୍ସ ଗ୍ରୁପ, ଏସ ଜି ଡେନ୍ସ ଗ୍ରୁପ, ଦୟାଲ ଏକାଡେମୀ ଡେନ୍ସ ଗ୍ରୁପ, ନୃତ୍ୟଶ୍ରୀ ଗ୍ରୁପ, ଈଶ୍ୱରୀ ନିବେଦିତା ନାୟକ, ଇପ୍ସା ମହାନ୍ତି, ଅମ୍ରିତା କର, ଶୁଭସ୍ମିତା ସିଂହ, ଅର୍ଚ୍ଚିତା ପ୍ରଧାନ, ବରନ୍ୟା ପାଢ଼ୀ, ରୀତିକା ମହାପାତ୍ର, ସର୍ଗୁଣ ନାୟକ, ଦିବ୍ୟଜ୍ୟୋତି ରଣ ସିଂହ ପ୍ରମୁଖ ଆଂଚଳିକ କଳାକାର ଏବଂ ସଂଗଠନ ସହିତ ମୁମ୍ବାଇ ଓ କୋଲକତା ରୁ ଆସିଥିବା ମ୍ୟୁଜିକାଲ ଗ୍ରୁପ ଦ୍ୱାରା ସଂଗୀତ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।

ଶେଷରେ ରାତିର ଅନ୍ଧାର ଭିତରେ ବେଳାଭୂମୀରେ ବିଭିନ୍ନ ମନୋରମ ଆତସବାଜି ପରେ ୨୩ତମ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମୀ ମେହୋତ୍ସବ ଉଦ୍‌ଯାପିତ ହୋଇଯାଇଛି ।

# ପାରାଦୀପ କରାଟେ ଆସୋସିଏସନ ପକ୍ଷରୁ ବେଲ୍ଟ ପରୀକ୍ଷା ଶିବିର ଆୟୋଜିତ



**ପାରାଦୀପ,(ପିଏନ)-** ପାରାଦୀପ କରାଟେ ଆସୋସିଏସନ୍ ପକ୍ଷରୁ ରବିବାର ଦିନ ଏକ କରାଟେ ବେଲ୍ଟ ପରୀକ୍ଷା ଶିବିର ଆଇଓସିଏଲ ପାରାଦୀପ ରିଫାଇନାରୀ ଟାଉନସିପ୍ ରେ ଆୟୋଜିତ ହୋଇଯାଇଛି । ଶିଟୋ ରିୟୁ ଶିଙ୍କନ୍ ଇଣ୍ଡିଆ ଦ୍ୱାରା ସଂଗଠିତ ଏହି ଆସୋସିଏସନ ଦ୍ୱାରା ଅନୁଷ୍ଠିତ ବେଲ୍ଟ ପରୀକ୍ଷା ଶିବିରରେ ପ୍ରାୟ ୧୨୩ ଛାତ୍ର ଅଂଶଗ୍ରହଣ କରିଥିଲେ ।

ଏହି ଅବସରରେ ସଞ୍ଜୟ କୁମାର, ସିଜିଏମ୍, ପାରାଦୀପ ରିଫାଇନାରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ପାରାଦୀପ ରିଫାଇନାରୀ ଅଫିସର୍ସ କ୍ଲବର ସମ୍ପାଦକ ମନୋଜ କୁମାର ପରିଡା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ କରାଟେ ଆସୋସିଏସନର ମୁଖ୍ୟ ପ୍ରଶିକ୍ଷକ କାହ୍ନୁ ମଲ୍ଲିକ ପରିଚାଳନା କରିଥିବା ବେଳେ ଅମରଜ୍ୟୋତି ରାଉତ ସହଯୋଗ କରିଥିଲେ ।

# ଗୋସାଇଁନୂଆଗାଁ ମଣ୍ଡଳ ପକ୍ଷରୁ ମୋଦିଙ୍କ ୯୭ ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ

**ବ୍ରହ୍ମପୁର,(ପିଏନ)-**ଗୋସାଇଁନୂଆଗାଁ ମଣ୍ଡଳ ପକ୍ଷରୁ ଗୁଣ୍ଡିଚା ମନ୍ଦିର ଛକ ସ୍ଥିତ ମାଁ କାଳୁଆ ହୋଟେଲ୍ କଲ୍ୟାଣ ମଣ୍ଡପ ଠାରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୦୨୩ ବର୍ଷର ପ୍ରଥମ ତଥା ୯୭ ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହା ସହ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ଚୌଧୁରୀଙ୍କ ଅଧକ୍ଷତାରେ 'ମଣ୍ଡଳ ପ୍ରବାସ ଯୋଜନା ବୈଠକ' ଅନୁଷ୍ଠିତ ହେଇଥିଲା । ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ସଭାପତି ବିଭୂତି ଭୂଷଣ ଜେନା,ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁରମା ପାଢୀ,ପୂର୍ବତନ ଜିଲ୍ଲା ସଭାପତି କାହ୍ନୁ ଚରଣ ପତି,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ,ଜିଲ୍ଲା ଉପ ସଭାପତି ସୁନିଲ କୁମାର ସାହୁ,ଅନ୍ୟତମ ଜିଲ୍ଲା ଉପ ସଭାପତି ରାମ କୁମାର ପାତ୍ର,ଜିଲ୍ଲା ସମ୍ପାଦିକା ସୁଶିଳା ମଲ୍ଲିକ,ବ୍ରହ୍ମପୁର ବିଧାନସଭା ପ୍ରଭାରୀ ରାମ ପ୍ରସାଦ ସାମଲ ପ୍ରମୁଖ ଯୋଗ ଦେଇ ସଶକ୍ତ ମଣ୍ଡଳ ଓ ସକ୍ରିୟ ବୁଥ୍ ନେଇ ସାଙ୍ଗଠନିକ ଚର୍ଚ୍ଚା କରିଥିଲେ। ପୂର୍ବତନ ମନ୍ତ୍ରୀ ଶ୍ରୀମତି ସୁରମା ପାଢୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମସ୍ତ ଲୋକାଭିମୁଖି ଯୋଜନା ବିଷୟରେ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ବୁଥ୍ ସ୍ତରରେ




ସଂଗଠନ ମଜବୁତ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ । ପୂର୍ବାହ୍ନରେ ଗୋସାଇଁନୂଆଗାଁ ମଣ୍ଡଳରେ ପହଞ୍ଚିବା ପରେ ବିଜେପି ନେତା ଓ କର୍ମୀ ପୂର୍ବତନ ମନ୍ତ୍ରୀ ସୁରମା ପାଢୀଙ୍କୁ ସ୍ୱାଗତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ବାଳକୃଷ୍ଣ ସାମନ୍ତରା,ଜିଲ୍ଲା ମହିଳାମୋର୍ଚ୍ଚା ସାଧାରଣ ସମ୍ପାଦିକା ବର୍ଷା ବିଦ୍ୟୁସ୍ମିତା,କର୍ପୋରେଟର ରଞ୍ଜିତା ବେହେରା,ଦୁଇ ଜଣ ଗୋସାଇଁନୂଆଗାଁ ମଣ୍ଡଳ ସାଧାରଣ ସମ୍ପାଦକ ମନୋଜ ପାଢୀ ଏବଂ ଶ୍ରୀରାମ ଦୀନଦୟାଲ,ମଣ୍ଡଳ ଉପ ସଭାପତି ରବି ନାରାୟଣ ସାବତ,ଲକ୍ଷ୍ମୀ ବେହେରା, ନରସିଂହ ଶତପଥି, କୋଷାଧକ୍ଷ ଶ୍ରୀଧର ମିଶ୍ର,ସମ୍ପାଦକ ଏସ୍.ଶ୍ରୀନିବାସ୍, ଦିଲୀପ ସାହୁ, ସୁଶାନ୍ତ ଚୌଧୁରୀ, ଉପେନ୍ଦ୍ର ସେଠୀ, ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଡ଼ି.ଅନିଲ ରାଓ, ମହିଳାମୋର୍ଚ୍ଚା ସଭାନେତ୍ରୀ ସରସ୍ୱତୀ ବେହେରା, କୃଷକମୋର୍ଚ୍ଚା ସଭାପତି ସଞ୍ଜୀବ ଚୋଧୁରୀ, ସଙ୍ଖ୍ୟାଲଘୁ ମୋର୍ଚ୍ଚା ସଭାପତି ଯୋଶେଫ କଟନ୍, ପୂର୍ବତନ ମଣ୍ଡଳ ସଭାପତି ବିଜୟ କୁମାର ସାହୁ,ପୂର୍ବତନ ବ୍ରହ୍ମପୁର ମହାନଗର ଯୁବମୋର୍ଚ୍ଚା ସଭାପତି ପ୍ରଦୀପ ସାହୁ ପ୍ରମୁଖ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ସେହିଭଳି ଭାରତୀୟ ଜନତା ପାର୍ଟି ପୁରୁଣା ବ୍ରହ୍ମପୁର ମଣ୍ଡଳ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ସହ 'ମଣ୍ଡଳ ପ୍ରବାସ ଯୋଜନା ବୈଠକ' କେ.ଟୁଙ୍ଗୁରୁ ପାତ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ଆଗା ସାହି ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହେଇଥିଲା । ଏଥିରେ ଜିଲ୍ଲା ସଭାପତି ତଥା ପୁରୁଣା ବ୍ରହ୍ମପୁର ମଣ୍ଡଳ 'ପ୍ରବାସ ଯୋଜନା' ପ୍ରଭାରୀ ବିଭୂତି ଭୂଷଣ ଜେନା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ,ଜିଲ୍ଲା ସମ୍ପାଦକ ବାଳକୃଷ୍ଣ ସାମନ୍ତରା,ଜିଲ୍ଲା ମହିଳାମୋର୍ଚ୍ଚା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ ଦେବୀ,ବାଙ୍କାନିଧି ସେଠୀ,ନୀଳାଂଚଳ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଅପରାହ୍ନରେ କମାପଲ୍ଲୀ ମଣ୍ଡଳ ଠାରେ ମଣ୍ଡଳ ସଭାପତି ଗୋପିନାଥ ପଣ୍ଡାଙ୍କ ସଭାପତିତ୍ୱରେ ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । କମାପଲ୍ଲୀ ଅଞ୍ଚଳର ବହୁ ଯୁବକ,ମହିଳା, ବୁଦ୍ଧିଜୀବୀ,ବ୍ୟବସାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଥିଲେ। ଗୁପ୍ତେଶ୍ୱର ଷଡ଼ଙ୍ଗୀ,ପ୍ରକାଶ ଚନ୍ଦ୍ର ବାଦାନୀ,ବିପିନି ବିହାରୀ ଦାଶ, ଗୋବିନ୍ଦ ଚନ୍ଦ୍ର ସାହୁ, ବିଦ୍ୟୁଲତା ମେକାପ,ମିସ୍ କ୍ରିଷ୍ଣାକାନ୍ତ ଆଚାର୍ଯ୍ୟ, ସୁଜାତା ହୋତା ପ୍ରମୁଖଙ୍କ ସମେତ ବହୁ ଅଞ୍ଚଳବାସୀଙ୍କୁ ପୂର୍ବତନ ଜିଲ୍ଲା ସଭାପତି କାହ୍ନୁ ଚରଣ ପତି, ଜିଲ୍ଲା ଉପ ସଭାପତି ରାମ କୁମାର ପାତ୍ର, ଡା.ସୁବାଷ ସାହୁ,ମନୋଜ ପଟ୍ଟନାୟକ,ସୁନିଲ କୁମାର ସାହୁ,ଜିଲ୍ଲା ସମ୍ପାଦକ ବାଳକୃଷ୍ଣ ସାମନ୍ତରା ପ୍ରମୁଖ ଦଳୀୟ ଉପଢୌକନ ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

# ବିପୁଳ ପରିମାଣର ମାଓ ସାମଗ୍ରୀ ଉଦ୍ଧାର

**ମାଲକାନଗିରି,(ପିଏନ)-** ମାଲକାନଗିରି ପୋଲିସକୁ ବଡ ସଫଳତା ପ୍ରାପ୍ତ ହୋଇଛି । ମାଲକାନଗିରି ପୋଲିସ ଏବଂ ଏସଓଜିର ଯବାନମାନେ ଚଢାଉ କରି ମାଥିଲି ଥାନା ଅନ୍ତର୍ଗତ ତୁଳସୀ ପାହାଡରେ ଥିବା ମାଓ କ୍ୟାମ୍ପ ଠାବ କରିଛନ୍ତି । ପୋଲିସ ବିଶେଷ ସୂତ୍ରରୁ ସୂଚନା ପାଇବା ପରେ ମାଥିଲି ଥାନା ଅନ୍ତର୍ଗତ ତୁଳସୀ ପାହାଡ ନିକଟ କର୍ତ୍ତନପାଲ୍ଲୀ ଗ୍ରାମ ପଞ୍ଚାୟତର କିରିମିଟି ଓ କଟୁଆ ପଦର ଗ୍ରାମ ନିକଟ ଜଙ୍ଗଲରେ କୁମ୍ବିଂ ଅପରେସନ କରିଥିଲା । ସେହି ସ୍ଥାନରୁ ବିପୁଳ ପରିମାଣର ମାଓ ସାମଗ୍ରୀ ଉଦ୍ଧାର କରାଯାଇଛି ।



ଏହି ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ଏୟାର ପିସ୍ତଲ , ଛଅଗୋଟି ବାରେଲ ଗ୍ରେନେଡ୍ ଲଞ୍ଚର ସେଲ୍, ୫୦ଟି ଅଫୁଟା ଗୁଳି, ୧୫ ଗୋଟି ଟିଫିନ୍ ବୋମା, ଗୋଟିଏ ଏସ.ଏଲ୍.ଆର୍. ରାଇଫଲ୍, ତିନୋଟି କଣ୍ଟ୍ରିମେଡ୍ ଗନ୍, ୧୪ଟି ଡିଟୋନେଟର, ୧୦ଟି ଜିଲଟିନ୍ ଷ୍ଟିକ୍, ଗୋଟିଏ ବଡ ଧରଣର ଗ୍ୟାସ ସିଲିଣ୍ଡର, ଛୁରି, କ୍ୟାମେରା ଫ୍ଲାସ୍, ୯ଟି ବ୍ୟାଟେରି, ୧୦ଟି କିପ୍ୟାଡ୍ ମୋବାଇଲ ଫୋନ୍, ଖାତା, ମଶାରୀ, ସୂତା, କ୍ରୀଡା ବୁଟ୍, ମାଓ ପୋଷାକ, ପେନ୍, ଷ୍ଟିଲ ସ୍କେଲ, ମଗ୍, ପ୍ଲାଷ୍ଟିକ ବାକ୍ସ, ଔଷଧ, ନଡିଆ ତେଲ ମାଓ ପୁସ୍ତକ ସହ ଅନ୍ୟ କିଛି ସାମଗ୍ରୀ ଜବତ କରାଯାଇଛି । ଏହି ସାମଗ୍ରୀ ଗୁଡିକ ଜବାନ ମାନଙ୍କୁ ଆକ୍ରମଣ ଉଦ୍ଦେଶ୍ୟରେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ତରଫରୁ ରଖା ଯାଇଥିବା ଉପସ୍ଥିତ ପୋଲିସ ପଦାଧିକାରୀମାନେ ସୂଚନା ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଗୁଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ କୁମାର ପଣ୍ଡା, ଅତିରିକ୍ତ ନିର୍ଦ୍ଦେଶକ ଅପରେସନ ଅମିତାଭ ଠାକୁର, ଡିଆଇଜି ସ୍ୱତନ୍ତ୍ର ଗୁଇନ୍ଦା ସଂସ୍ଥା ଅନିରୁଧ ସିଂ, କୋରାପୁଟ ଡିଆଇଜି ରାଜେଶ ପଣ୍ଡିତଙ୍କ ଉପସ୍ଥିତ ରହିଥିଲେ ।




# ବାଟପୁରଣରେ ବାଦିପାଲା ଓ ସମ୍ବର୍ଦ୍ଧନା ସମାରୋହ



**ଫୁଲନଖରା,(ପିଏନ)**-ବାରଙ୍ଗ ବ୍ଲକ ନଗରୀ ପଞ୍ଚାୟତ ଅନ୍ତର୍ଗତ ବାଟପୁରଣ (ଖରିପଡ଼ିଆ)ରେ ୧୫୨ ତମ ବାର୍ଷିକ ଲକ୍ଷ୍ମୀନାରାୟଣ ବାଦିପାଲା ମହୋତ୍ସବ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଗ୍ରାମ୍ୟ କମିଟି ସଭାପତି ବିଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସଦର ଏସିପି ଚନ୍ଦନ ଘଡ଼େଇ, ସଦର ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର, କମିଟି ସମ୍ପାଦକ ଲଳିତକିଶୋର ସୁନ୍ଦରାୟ ପ୍ରମୁଖ ଅତିଥିରୂପେ ମଞ୍ଚାସୀନ ହୋଇ ଉତ୍ସବକୁ ଉଦଘାଟନ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ, ମାନ୍ୟଗଣ୍ୟ ବ୍ୟକ୍ତି, ମୁରବି, କଳାକାର ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ଅଭିରାମ ମହାପାତ୍ର, ଅନାଦିଚରଣ ଲେଙ୍କା, ଶିବପ୍ରସାଦ ସୁନ୍ଦରାୟ, ବ୍ରଜବନ୍ଧୁ ସୁନ୍ଦରାୟ, ରବିନ୍ଦ୍ର ଲେଙ୍କା, ଧୃବଚରଣ ମହାନ୍ତି, ଚକ୍ରଧର ଦାସ, ସୁରେନ୍ଦ୍ର ମହାପାତ୍ର, କ୍ଷୀରୋଦ ପଟ୍ଟନାୟକ, ଯୁଧିଷ୍ଠିର ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ସଂଧ୍ୟାରେ କଟକ ଚୌଦ୍ୱାର ଅଞ୍ଚଳର ଗାୟକ ବିଚିତ୍ରାନନ୍ଦ ପଣ୍ଡା ଓ ସାଥି ଏବଂ ପୁରୀ କାକଟପୁର ଅଞ୍ଚଳର ଗାୟକ ବନବିହାରୀ ଗ୍ରହାଚାର୍ଯ୍ୟ ଓ ସାଥିଙ୍କଦ୍ୱାରା ବାଦିପାଲା ପରିବେଷଣ ହୋଇଥିଲା। ଦଳବାଡ଼, ମନ୍ଦାରିଆ, ବେତଖୋଲି, ନଗରୀ, ସନ୍ତୋଳ, ବାଟପୁରଣ, ଜଗନ୍ନାଥପୁର ଆଦି ଅଞ୍ଚଳର ଲୋକମାନେ ଉପସ୍ଥିତ ଥିଲେ।

# ବିମଳା ଜେନାଙ୍କ ସ୍ମୃତିଚାରଣ ସଭା



**ଫୁଲନଖରା, (ପିଏନ)**-ସଦର ଥାନା ପୁରୁଷୋତ୍ତମପୁର ମୌଜାର ଧର୍ମପ୍ରାଣା ତଥା ପ୍ରାକ୍ତନ ସରପଞ୍ଚ ଗଗନବିହାରୀ ଜେନାଙ୍କ ମାତା ବିମଳା ଜେନାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଗଜେନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଡାକ୍ତର ପ୍ରମୋଦକୁମାର ମଳିକ, ବିଡ଼ିଓ ବିଶ୍ୱରଞ୍ଜନ ବିଶ୍ୱାସ, ପ୍ରାଚୀ ଡିଭିଜନ ଏସଡ଼ିଓ ଇଂ.ଅଜୟକୁମାର ବେହେରା, ନରୋତ୍ତମ ପାତ୍ର, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷା ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିପିନ ଜେନା, ପ୍ରସନ୍ନ ଜେନା, ପ୍ରକାଶ ଜେନା ଓ ଚନ୍ଦନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସ୍ୱର୍ଗତ ନବ ଦାସଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

## ଡକ୍ଟର ହୁସେନ ରବି ଗାନ୍ଧୀଙ୍କ ବିୟୋଗରେ ଶୋକ

କୋରେଇ: ବିଶିଷ୍ଟ ସାହିତ୍ୟିକ, ବାଗ୍ମୀ, ରାଜନେତା, ଓଡିଆ ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ଡକ୍ଟର ହୁସେନ ରବି ଗାନ୍ଧୀଙ୍କ ବିୟୋଗରେ "ଚାହାଣି" ସାହିତ୍ୟ ମଂଚ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ତାଙ୍କ ପରଲୋକରେ ଓଡିଆ ସାରସ୍ୱତ ଜଗତରେ ଏକ ବିଶାଳ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଚାହାଣି ସାହିତ୍ୟ ମଂଚ ଓ ପରିବାର ସହ ତାଙ୍କର ନିବିଡ ସମ୍ପର୍କ ଥିଲା। ଚାହାଣି ପତ୍ରିକାର ପ୍ରତି ସଂଖ୍ୟାରେ ଡକ୍ଟର ଗାନ୍ଧୀଙ୍କର କବିତା, ଆଲୋଚନା ପ୍ରକାଶ ପାଇଛି ।

## ଡିମଳାରେ ଅବକାରୀ ଚଢାଉ

ଜୟପୁର: ଦେଶି ମଦ ପ୍ରସ୍ତୁତ କରୁଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ ଡିମଳା ନିକଟ ଜଙ୍ଗଲରେ ଚଢାଉ କରିଛି । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଘଟଣା ସ୍ଥଳରେ ବହୁ ମଦ ଭାଟି ଭାଙ୍ଗିବା ସହ ୧ ହଜାର ଲିଟର ପୋଚ ଓ ୩୦ ଲିଟର ଦେଶି ମଦ କୁ ଜବତ କରି ନଷ୍ଟ କରିଛି । ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରୀ ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# କରଦା ହରିହାଟ, ଯଜ୍ଞ ଓ ନାମ ଯଜ୍ଞ ଉଦ୍ଯାପିତ

**କୋରେଇ,(ପିଏନ)**- କୋରାଇ ବ୍ଲକ ଅନ୍ତର୍ଗତ କରଦାର ଗଣପର୍ବ କରଦା ହରିହାଟ ମେଳା ଓ ଯଜ୍ଞ ଆରମ୍ଭ ହୋଇଛି । ଶନିବାର ପ୍ରତ୍ୟୁଷର କଳସ ବୁଡା ଯାଇ ଯଜ୍ଞ ଓ ନାମ ଯଜ୍ଞ ଆରମ୍ଭ କରାଯାଇଥିଲା । ଭକ୍ତମାନେ ସହସ୍ରାଧିକ ସଂଖ୍ୟାରେ ଯଜ୍ଞ କୁଣ୍ଡରେ ନଡିଆ, ଘିଅ, ଉଖୁଡା, ଧୂପ, ଦୀପ ଦାନ କରିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମଯଜ୍ଞ, ଯୁବକ/ଯୁବତୀ ମାନଙ୍କ ଦ୍ୱାରା ସମୂହ ଭାଗବତ ପାଠ,ପାଣିକୋଇଲି ଅଳତିରି ମହାଲକ୍ଷ୍ମୀ ପୀଠ ପକ୍ଷରୁ ଭକ୍ତ ଓ ଦର୍ଶକଙ୍କ ପାଇଁ ସମୂହ ଟଙ୍କ ତୋରାଣୀ ଯଜ୍ଞ କୁଣ୍ଡ ନିକଟରେ ପ୍ରଦାନ ଜାରି ରହିଛି । ଭକ୍ତମାନେ ଏକ କାଳୀନ ଦଧିବାଧନଜୀଉ, ଗୌରାଙ୍ଗ, ରୁଦ୍ରନାରାୟଣ, ମହାବୀର, ଶ୍ରୀ ଶନିଶ୍ଚର ଦର୍ଶନ ଲାଭ କରୁଛନ୍ତି। ଇତିହାସ ଅନୁଯାୟୀ ଏହି ପବିତ୍ର ସ୍ଥାନର ନାମ ଯଜ୍ଞର ଶବ୍ଦ ରାତ୍ରୀରେ ଶୁଣାଯାଉଥିବାରୁ ଏଠାରେ ମଠ ପ୍ରତିଷ୍ଠା କରାଯାଇଥିଲା । ପୂର୍ଣତୋୟା ବୈତରଣୀର ଅନତୀ ଦୂରରେ ଏହି ମେଳା ସ୍ଥାନୀୟ ଅଂଚଳର ଗଣପର୍ବ ତଥା କୋରାଇ ବ୍ଲକର ସବୁଠୁ ବଡ ମେଳା ବୋଲି ବିବେଚନା କରାଯାଏ । ପ୍ରତିବର୍ଷ ପରି ୪ ଅପେରା ଦଳ ଓ ୧୦ ଦିନ ବ୍ୟାପି ମହୋତ୍ସବ ସହ ମୀନା ବଜାର, ବିଭିନ୍ନ ଷ୍ଟଲ ମାନ ଖୋଲାଯାଇଛି । ଯାହା ସ୍ଥାନୀୟ ଅଂଚଳର ଲୋକମାନଙ୍କ ବର୍ଷକର ଚାହିଦା ପୂରଣ କରିଥାଏ । ଭକ୍ତମାନେ ଠାକୁର ଦର୍ଶନ କରିବା ସହ ଯାଜ୍ଞ ଓ ନାମ ଯଜ୍ଞ ପରେ ମେଳା ବୁଲିବାର ସୁଯୋଗ ହାତ ଛଡା କରୁନାହାନ୍ତି। ଭକ୍ତ ଓ ଭଗବାନଙ୍କ ମିଳନ ହୋଇଆସୁଥିବାରୁ ସବୁ ସତ୍ତ୍ୱେ ଯଜ୍ଞ ବା ନାମ ଯଜ୍ଞରେ ଭକ୍ତଙ୍କ ସମାଗମ ଜାରି ରହିଛି । ସହସ୍ରାଧିକ ମହିଳା ସେମାନଙ୍କ ମାନସିକ ପୂରଣ ପାଇଁ ପ୍ରତି ବର୍ଷ ପରି ଚଳିତ ବର୍ଷ ଯଜ୍ଞ କୁଣ୍ଡରେ ନଡିଆ ପକାଇଛନ୍ତି । ବଡ ବଡ ଷ୍ଟଲ, ଦୋଳି, ମୀନା ବଜାର ର ମଜ୍ଜା ଉଠାଉଛନ୍ତି କୁନି କୁନି ପିଲା ମାନେ। ଆଜି ଯଜ୍ଞ ଓ ନାମଜ୍ଞର ପୂର୍ଣ୍ଣାହୁତି କରାଯାଇଛି । ଅପରାହ୍ଣ ଠାରୁ ମେଳାରେ ଧିରେ ଧିରେ ଭକ୍ତ ଓ ଦର୍ଶକଙ୍କ ସମାଗମ ଲାଗି ରହିଛି। ମଠାଧିଶ ବାବାଜୀ କୃଷ୍ଣ ଚନ୍ଦ୍ର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହରିହାଟ କମିଟିର ସଭାପତି ଚିନ୍ତାମଣି ବେହେରା, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, ଗଣେଷ ସାହୁ, ହରିହର ସାହୁ, ମଣିନାଥ ପଣ୍ଡା, ସୁଶିଲ ବେହେରା, ପ୍ରଦୀପ୍ତ ପଣ୍ଡା, ବିମ୍ବାଧର ବେହେରା, ପ୍ରମୋଦ ମହାପାତ୍ର, ନବଘନ ପଣ୍ଡା, ରତ୍ନାକର ସାହୁ, ପରମାନନ୍ଦ ସାହୁ, ଶଙ୍କର୍ଷଣ ପରିଡା, ଗୋକୁଳ ଚନ୍ଦ୍ର ସାହୁ, ଅଦୈତ୍ୟ ପ୍ରସାଦ ମଲ୍ଲିକ, ସୁବାସ ସ୍ୱାଇଁ, ପ୍ରଶନ୍ନ ବେହେରା, ତାରଣୀ ପଟ୍ଟନାୟକ, ସାବିତ୍ରୀ ସାହୁ, ମଦନ ମୋହନ ପ୍ରଧାନ, ମଦନ ଯେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ୩୦ ତାରିଖ ଅର୍ଥାତ୍ ଆଜି ମହୋତ୍ସବ ଉଦ୍ଘାଟିତ ହେବାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ମେଳା ଓ ମହୋତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପାଣିକୋଇଲି ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଥାନାଧିକାରୀ ଚିନ୍ମୟୀ ବେହେରାଙ୍କ ନେତୃତ୍ୱରେ ସଠିପୁର ଛକ ଠାରୁ ଆରମ୍ଭ କରି ମେଳାର ଚର୍ତପାର୍ଶ୍ୱ ପୁଲିସ ପଇଁତରା ଚାଲୁ ରହିବା ସହ ଅସ୍ଥାୟୀ ପୁଲିସ ବିଟ ହାଉସ ଖୋଲାଯାଇଛି । କୌଣସି ଅଘଟଣ ବା ଅସୁବଧା ହେଲେ ଅସ୍ଥାୟୀ ଶିବିରରେ ପହଂଚିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଭକ୍ତ ଓ ଦର୍ଶକ ମାନଙ୍କୁ ସୂଚନା ପ୍ରଦାନ କରାଯାଉଛି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/-(One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ସାଧୁ - ସର୍ବ ଭୂତ ହିତେ ରତଃ

**ହେମନ୍ତ କୁମାର ପରିଡ଼ା**

ଭଗବାନ ତାଙ୍କ ପରମ ଶାସ୍ତ୍ର ଭାଗବତରେ ଏକ ଘୋଷଣା କରିଛନ୍ତି। 'ଏ ଜୀବ ସାଧୁସଙ୍ଗ ବିନୁ। ଲଭି ନପାରେ ମୋର ତନୁ।' ଏହା ଏକ ସିଦ୍ଧାନ୍ତ, ଏକ ଉଦଘୋଷଣା। ଜୀବନରେ ପରମ ଶାନ୍ତି ଓ ଆନନ୍ଦ ପ୍ରାପ୍ତି ପାଇଁ ଭଗବତ ସାକ୍ଷାତକାର ସଭିଙ୍କର ଶ୍ରେଷ୍ଠ ଅଭିଳାଷ। କିନ୍ତୁ ଏହି ଅଭିଳାଷର ପୂର୍ତ୍ତି ପାଇଁ ସାଧୁସଙ୍ଗ ଏକମାତ୍ର ପଥ ବୋଲି ସ୍ୱୟଂ ଭଗବାନ ନିର୍ଦ୍ଦେଶ କରିଛନ୍ତି। ଭାଗବତ ମହାପୁରାଣରେ ସାଧୁଙ୍କ ମହିମା ଘୋଷଣା କରି କୁହାଯାଇଛି 'ସାଧୁ ଯେ ମଳୟ ପବନ, କାଷ୍ଠକୁ କରଇଁ ଚନ୍ଦନ।' ଯେପରି ମଳୟ ସ୍ପର୍ଶରେ ନିମ୍ବ ଦାରୁ ଚନ୍ଦନରେ ରୂପାନ୍ତର ହୋଇଯାଏ, ସେହିଭଳି ସାଧୁଙ୍କ ସଂସ୍ପର୍ଶରେ ପାଶାଣ୍ଡ ମଧ୍ୟ ପ୍ରସିଦ୍ଧ ସନ୍ଥ ହୋଇଥିବାର ବହୁ ଉଦାହରଣ ଆମ ଶାସ୍ତ୍ର ପୁରାଣ ଓ ଲୋକ କଥାରେ ବର୍ଣ୍ଣିତ ହୋଇଛି।

ଦସ୍ୟୁ ରତ୍ନାକର ଭଳି ଦୂରଚାରୀ ଦେବର୍ଷି ନାରଦଙ୍କ ସଂସ୍ପର୍ଶରେ ଆସି ମହାନ ତପସ୍ୱୀ ହୋଇଗଲେ। ସାଧୁ ହୋଇ ଆଦିକବି ଭାବେ ପ୍ରସିଦ୍ଧି ଲାଭ କଲେ। ଅଙ୍ଗୁଳୀମାଳ ଭଳି ଦୁର୍ଦ୍ଧର୍ଷ ଡାକୁ ଭଗବାନ ବୁଦ୍ଧଙ୍କ ଦର୍ଶନ କରି ମହାତ୍ମା ହୋଇଗଲେ। ଜଗାଇ ମାଧୋଇ ଦୁଇଜଣ ଦୁରାଚାରୀ ଥିଲେ। ପ୍ରେମମୂର୍ତ୍ତି ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସି ସାଧୁ ବୈଷ୍ଣବ ହୋଇଗଲେ ଜୟ ପ୍ରକାଶ ନାରାୟଣଙ୍କ ପ୍ରଭାବରେ ଚମ୍ବଲ ଉପତ୍ୟକାର ଦସ୍ୟୁମାନେ ତାଙ୍କର କୁପ୍ରବୃତ୍ତି ପରିତ୍ୟାଗ କରି ଭଲ ମଣିଷ ହେବାକୁ ସଙ୍କଳ୍ପ ନେଇଥିଲେ। ଏହିଭଳି ଅନେକ ଉଦାହରଣ ଆମ ସମାଜରେ ଅଛି। ଅଗ୍ନି ସଂସ୍ପର୍ଶରେ ଆସି ଧାତୁ କାଷ୍ଠାଦି ଇତର ପଦାର୍ଥମାନ ଅଗ୍ନିରୂପ ଧାରଣ କରିଥାନ୍ତି। ଚୁମ୍ବକ ପ୍ରଭାବରେ ଲୁହା ଚୁମ୍ବକର ଗୁଣମାନ ଧାରଣ କରିଥାଏ। ଏହା ମହତ ଆଶ୍ରୟ ବା ସାଧୁ ସଙ୍ଗର ପ୍ରଭାବ। ସ୍ପର୍ଶମଣିର ସ୍ପର୍ଶରେ ଲୁହା ସୁନାରେ ପରିଣତ ହୋଇଯାଏ। ସେହିଭଳି ମଣିଷ ମଣିଷ ଇତର ପ୍ରାଣୀମାନେ ମଧ୍ୟ ସାଧୁସଙ୍ଗ ପ୍ରଭାବରେ ପରିବର୍ତ୍ତନ ହେବାର ଅନେକ ଉଦାହରଣ ଅଛି। ସଂସାର ବନ୍ଧନରୁ ପରିତ୍ରାଣ ପାଇଁ ସାଧୁସଙ୍ଗ ପ୍ରସସ୍ତ ପଥ ଅଟେ। ସେଥିପାଇଁ କୁହାଯାଇଛି 'କ୍ଷଣମିହ ସଜ୍ଜନ ସଙ୍ଗତିରେକା, ଭବତି ଭବାର୍ଣ୍ଣବ ତରଣେନୌକା।'

ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାରତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ। ଏଠିକାର ସମୁଦ୍ର ମହୋଦଧି। ଏହି ମାର ଧୂଳିକୁ ଆମେ ତିଳକ କରି ମଥାରେ ଧାରଣ କରୁ। ଭାରତମାତା ତୀର୍ଥ ରାଜିରେ ପରିପୂର୍ଣ୍ଣ ବୋଲି ନକହି କୁହାଯାଇପାରେ ଏହି ବିଶାଳ ଭାରତ ଭୂଖଣ୍ଡ ଏକ ତୀର୍ଥକ୍ଷେତ୍ର। ଯେତେବେଳେ ସାରା ବିଶ୍ୱ ଅଜ୍ଞାନ ଅନ୍ଧକାରରେ ଆବୃତ ଥିଲା ସେତେବେଳେ ଭାରତ ବର୍ଷରେ ଜ୍ଞାନଦୀପ ପ୍ରଜ୍ଜ୍ୱଳିତ ଥିଲା। ଭାରତର ଅଧିବାସୀମାନେ ନିତ୍ୟ ଜ୍ଞାନରତ ରହି ଭାରତ ମାତାର ମୁଖଶ୍ରୀକୁ ଉଜ୍ଜ୍ୱଳ କରିବା ସହିତ ବିଶ୍ୱବାସୀଙ୍କୁ ଆପଣ ଜ୍ଞାନାଲୋକରେ ଜ୍ଞାନଦୀପ୍ତ କରିଥିଲେ। ଜୀବନର ପରିପୂର୍ଣ୍ଣତା ପଥେ ଏମାନଙ୍କ ମାର୍ଗ ଦର୍ଶନ ଅବିସ୍ମରଣୀୟ। ସର୍ବ ଭୂତଙ୍କ ହିତରେ ରତିଥିବା ବ୍ୟକ୍ତି ହେଉଛନ୍ତି ସାଧୁ। ସଫଳ ଜୀବନର ସହଜ ନିର୍ଯ୍ୟାସକୁ ଯେଉଁମାନେ ପ୍ରତିପାଦନ କରିଛନ୍ତି। ସମାଜ ତାଙ୍କୁ ସାଧୁ, ଗୁରୁ, ମାର୍ଗଦର୍ଶକ କହି ଶ୍ରଦ୍ଧା ସମ୍ମାନ କରିଛି। ଅନ୍ୟର ପିଡାକୁ ଅନୁଭବ କରୁଥିବା ବ୍ୟକ୍ତି ବୈଷ୍ଣବ ବୋଲି କୁହାଯାଇଛି। ସମାଜ ସେମାନଙ୍କୁ ପୂଜା ଅର୍ଘ୍ୟ ପ୍ରଦାନ କରି ଶ୍ରେଷ୍ଠସ୍ଥାନ ପ୍ରଦାନ କରିଛି। ସେଥିପାଇଁ କୁହାଯାଇଛି ସାଧୁନାଂ ଦର୍ଶନଂ ପୂଣ୍ୟ ତୀର୍ଥ ଭୂତାଃ ହି ସାଧବଃ, କାଳେନ ଫଳତେ ତୀର୍ଥଂ ସଦ୍ୟଃ ସାଧୁ ସମାଗମଃ।' ଅର୍ଥାତ୍ ସାଧୁ ଦର୍ଶନରେ ଅଶେଷ ପୂଣ୍ୟ। ସାଧୁ ସାକ୍ଷାତ ତୀର୍ଥମୟ। ତୀର୍ଥମାନେ ସମୟ କ୍ରମେ ଫଳଦନା କରନ୍ତି। ସାଧୁ ମାନଙ୍କ ଦର୍ଶନ ତତକ୍ଷଣାତ ଫଳଦାୟକ ଅଟେ। ସାଧୁମାନେ ସାକ୍ଷାତ ଈଶ୍ୱରଙ୍କ ସ୍ୱରୂପ ଅଟନ୍ତି। ଭଗବାନ ମଧ୍ୟ ସ୍ୱୟଂ ସବୁବେଳେ ସାଧୁମାନଙ୍କ ପଦ ବନ୍ଦନ କରିଛନ୍ତି। ଆଶୀର୍ବାଦ ନେଇଛନ୍ତି, ଅଭିଶାପକୁ ମଥାପାତି ସହିଛନ୍ତି। କ୍ଷମା ଯାଚନା କରିଛନ୍ତି ପୁନଶ୍ଚ ସେମାନଙ୍କ ପରିତ୍ରାଣ ପାଇଁ ଅବତାର ମଧ୍ୟ ଗ୍ରହଣ କରିଛନ୍ତି। ସନ୍ଥ ତୁଳସୀ ଦାସଙ୍କ ଭାଷାରେ - 'ନିର୍ମଳ ଯେନ ସୋମୋହି ପାବା, ମୋହ କପଟ ଛଲ ଚିଦ୍ରନ ପାବା।' ଯାହାର ହୃଦୟ ନିର୍ମଳ, ମନ ପବିତ୍ର ଏବଂ ମୋହ, କପଟାଚାର, ଛଳନାମୁକ୍ତ ସେହି କେବଳ ପ୍ରଭୁଙ୍କୁ ପାଇ ପାରିବ। ଅଭିଧାନରେ ସାଧୁ ଶବ୍ଦର ଅନେକ ପରିଭାଷା ଉଲ୍ଲେଖ ଅଛି। ସେ ସବୁ ମଧ୍ୟରେ ସୁଶୀଳ, ସତସ୍ୱଭାବ, ସାଦାଶ୍ରୟ, ସଦାଚାର, ଧର୍ମ ନିପୁଣ ଆଦି ପ୍ରଧାନ। ସଦଗୁଣଯୁକ୍ତ ଦୈବୀ ଭାବାପନ୍ନ ଉଦାର ହୃଦୟଶୀଳ ବ୍ୟକ୍ତି ସାଧୁ ସ୍ୱଭାବର। ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଅତି ସୁନ୍ଦର ଭାବେ ଦୈବୀ ଗୁଣ ସମ୍ପନ୍ନ ସାଧୁ ସ୍ୱଭାବର ବର୍ଣ୍ଣନା କରିଛନ୍ତି। 'ଅଭୟଂ ସତ୍ୱସଂଶୁଦ୍ଧି ଜ୍ଞାନ ଯୋଗ ବ୍ୟବସ୍ଥିତି। ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍। ଅହିଂସା ସତ୍ୟମକ୍ରୋଧ ସ୍ତ୍ୟାଗଃ ଶାନ୍ତିରପୈଶୁନମ୍। ଦୟା ଭୂତେଷ୍ୱଲୋ ଲୁପ୍ତଂ ମାର୍ଜବଂ ହୀରଚାପଲମ୍। ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋନାତି ମାନିତା। ଭବନ୍ତି ସମ୍ପଦଂ ଦୈବୀମ ଅଭିଜାତସ୍ୟ ଭାରତ।'

ଶ୍ରୀ ଭଗବାନ କହିଲେ ହେ ଅର୍ଜୁନ ! ଅଭୟ, ଶୁଦ୍ଧ ଅନ୍ତକରଣ, ଜ୍ଞାନ ନିମନ୍ତେ ଯୋଗରେ ଦୃଢ଼ ସ୍ଥିତି, ସାତ୍ୱିକ ଦାନ, ଇନ୍ଦ୍ରିୟ ସଂଯମ, ଯଜ୍ଞ, ସ୍ୱାଧ୍ୟାୟ, କର୍ତ୍ତବ୍ୟ ପାଳନ ନିମନ୍ତେ କଷ୍ଟ ସହନ, କାୟମନ ବାକ୍ୟରେ ସରଳତା, ଅହିଂସା, ସତ୍ୟ କଥନ, କ୍ରୋଧଶୂନ୍ୟତା, ବିଷୟବାସନା ତ୍ୟାଗ, ରାଗଦ୍ୱେଷ ବିବର୍ଜିତ ଅନ୍ତକରଣ, ଚୁଗୁଲି ନକରିବା, ଦୟାଶୀଳ, ଆସକ୍ତି ରହିତ ଅନ୍ତକରଣ, ଅକରଣ କରଣେ ଲଜ୍ୟା ବୋଧ, ଚପଳତା ରହିତ ସ୍ଥିର ବୁଦ୍ଧି, ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଚି, ନିର୍ବୈର ଭାବ ଏବଂ ନମ୍ର ଅମାନିତ୍ୱ ଭାବ ଆଦି ଦୈବୀ ଗୁଣ ଗୁଡ଼ିକ ସାଧୁର ସ୍ୱଭାବ ଅଟେ।

ଭାରତ ବର୍ଷରେ ସାଧୁ ସନ୍ଥ ମାନଙ୍କୁ ସର୍ବାଗ୍ରେ ସମ୍ମାନ ପ୍ରଦର୍ଶନ କରାଯାଇଛି। ଆମେମାନେ ସାଧୁ କହିଲେ ଉପରୋକ୍ତ ସ୍ୱଭାବଯୁକ୍ତ ବ୍ୟକ୍ତିଙ୍କୁ ବୁଝୁ। ବେଶବାସ ପରିଧାନଯୁକ୍ତ ସାଧୁବେଶଧାରୀ ମାନଙ୍କୁ ଆମ ସମାଜ ଅଧିକ ମାନ୍ୟତା ପ୍ରଦାନ କରେ। ସେଥିପାଇଁ ତ ସାଧୁ ବେଶରେ ଅନେକ ଭଣ୍ଡଙ୍କର ଉତ୍ପାତ ସମାଜ ସହିଛି। ସାଧୁବେଶରେ ରାବଣ ମା ସୀତାଙ୍କୁ ହରଣ କରି ନେଇଥିଲେ, କାଳନେମି ସାଧୁବେଶରେ ହନୁମାନଙ୍କୁ ଭଣ୍ଡିବାକୁ ଚେଷ୍ଟା କରିଥିଲା। ଏହିଭଳି ଏକାଧିକ ଦୃଷ୍ଟାନ୍ତ ସମାଜରେ ଅଛି। ସାଧୁ ବେଶ ସାଧୁର ଏକ ଭୂଷଣ। ଏହି ସାଧୁବେଶ ସଠତାର ପରିଚାୟକ ନହୋଇ ଆତ୍ମ ବିଶ୍ୱାସ, ସରଳତାର ପ୍ରତୀକ ହେଉ। ସାଧୁର ଯେଉଁ ମହାନ ପରମ୍ପରା ଅନାଦି କାଳରୁ ପ୍ରତିଷ୍ଠିତ ହୋଇ ଆସିଛି। ସେଥିରେ କଳଙ୍କ ନଲାଗୁ। ଭାରତ ବର୍ଷ ସାଧୁ ସ୍ୱଭାବକୁ ସମ୍ମାନ ଦିଏ। ସେ ପଟଧାରୀ ସନ୍ୟାସୀ ବା ବୈଷ୍ଣବ ହୁଅନ୍ତୁ ଅଥବା ଗୃହସ୍ଥ ହୁଅନ୍ତୁ। ସାଧୁ ସ୍ୱଭାବ ହିଁ ଜଣେ ବାସ୍ତବ ସାଧୁର ପରିଚୟ। ଆମର ସବୁ ମୁନିଋଷି ଗୃହସ୍ଥ ଥିଲେ। ବିଶ୍ୱଗୁରୁ ବ୍ୟାସ ମଧ୍ୟ ଗୃହସ୍ଥ ଥିଲେ। ସାଧୁର ବେଶବାସ ବାହ୍ୟ ଶୁଚି ଅପେକ୍ଷା ଅନ୍ତଶୁଚିକୁ ଅଧିକ ମହତ୍ୱ ପ୍ରଦାନ କରାଯାଇଛି। ସମାଜରେ ନାନା ପ୍ରକାର ବେଶ ଧାରୀ ସାଧୁ ସନ୍ଥ ଦୃଶ୍ୟ ହୁଅନ୍ତି। ଗୈରୀକ କଷାୟ, ଶୁଭ୍ର, ରକ୍ତ, ପିତ, କୃଷ୍ଣ, ଏହିପରି ଅନେକ ବେଶବାସର ସାଧୁସନ୍ଥ ଦୃଷ୍ଟ ହୁଅନ୍ତି। କିଏ ଲଣ୍ଡିତ କିଏ ଜଟାଜୁଟ ବିମଣ୍ଡିତ କିଏ ଚିତାଚଇତନ ଯୁକ୍ତ ତ କିଏ ଭସ୍ମ ବିଲେପିତ ଧୂଳିଧୁସରିତ, କିଏ କୌପୁନିବନ୍ତ ତ କିଏ ବସ୍ତ୍ର ବିରହିତ ତ୍ୟାଗ ବୈରାଗ୍ୟଯୁକ୍ତ। ନିର୍ମଳ ହୃଦୟ, ସରଳ ଜୀବନ, ଉଚ୍ଚ ଚିନ୍ତନ, ତ୍ୟାଗ ବୈରାଗ୍ୟଯୁକ୍ତ ଜୀବନ ଯାପନ ସାଧୁର ଭୂଷଣ ଅଟେ। କାଚକାଚ ମଣି ମଣି କୟ ବିକ୍ରୟେ ଜଣାଜଣି। ବିଶେଷକରି ସର୍ବଭୂତ ହିତ୍ରେରତା। ଦୈବୀଗୁଣଯୁକ୍ତ ତ୍ୟାଗୀ ବ୍ୟକ୍ତି ହିଁ ବାସ୍ତବ ସାଧୁ ପଦବାଚ୍ୟ। ସେହିମାନେ ଏ ଧରଣୀର ଆଶୀର୍ବାଦ ତଥା ସମସ୍ତଙ୍କର ପୂଜ୍ୟ ଓ ଆଦର୍ଶ।

**ମାଳତୀକୁଞ୍ଜ, ପ୍ଲଟ ନଂ - ୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬**




# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୫ତମ ବାର୍ଷିକ ଉତ୍ସବ



ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବାଲକାଟି ଜାମୁତୋଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟିକ ତଥା ଓଡିଶାର ଘରେ ଘରେ ପରିଚିତ ଓଡିଆ ଚଳଚ୍ଚିତ୍ରର ସଂଳାପ ଲେଖକ ଡ. ରାଜନୀ ରଞ୍ଜନ ଦାଶ, ସମ୍ମାନିତ ଅତିଥି ସାହିତ୍ୟିକ , ଜଗନ୍ନାଥ ସଂସ୍କୃତିର ଗବେଷକ ତଥା ପ୍ରତାପ ଶାସନ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. କାଳନ୍ଦୀ ଚରଣ ସାହୁ, ପ୍ରାତନ ବ୍ଲକ ସହ ଶିକ୍ଷା ଅଧିକାରୀ ପ୍ରତୀପ୍ତ କୁମାର ଜେନା ପ୍ରମୁଖ ଯୋଗଦେଇ ଅଭିଭାଷଣ ଦେଇଥିଲେ । ସମାଜରେ ଭଲ ମରିଷଟିଏ ହେବାକୁ ହେଲେ ଛାତ୍ର ଛାତ୍ରୀ ମାନେ ଶିକ୍ଷା ଗ୍ରହଣ ସହିତ ସଂସ୍କାରୀ ହେବା ଉଚିତ । ଯାହାକି ଏହି ଶିଶୁ ମନ୍ଦିରରେ ଉପଲବ୍ଧ ଅଟେ । ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନ ଭାବ ରହିଲେ ହିଁ ଶିକ୍ଷାର ବିକାଶ ଘଟିବ । ବିଦ୍ୟାଳୟର ସଭାପତି ଶଙ୍କର ସାହୁ ଅତିଥିମାନଙ୍କ ପରିଚୟ ଦେଇ ନିଜର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଣସିଂ ସଭାପତିତ୍ୱ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରତିଷ୍ଠାତା ସମ୍ପାଦକ ଚୈତନ୍ୟ ସାହୁ ଅଭିଭାଷଣ ଦେଇ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବନ୍ଦିତା ଦାସ, ଅସିତ ମହାନ୍ତି ସଂଯୋଜନା କରିଥିବାବେଳେ ଚିନ୍ମୟ ସାହୁ ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସାର୍ଟିଫିକେଟ ପ୍ରଦାନ କରି ପୁରସ୍କୃତ କରିଥିଲେ । ପରେ ପରେ କୁନିକୁନି ପିଲାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରାଯାଇଥିଲା ।

## ଡ଼ିୟୁ ପବ୍ଲିକ ସ୍କୁଲର ବାର୍ଷିକ କ୍ରିଡ଼ା ଉତ୍ସବ ଅନୁଷ୍ଠିତ

ଦର୍ପଣ,(ପିଏମ୍):ଯାଜପୁର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଚଣ୍ଡିଖୋଲ ସ୍ଥିତ ଡ଼ିୟୁ ପବ୍ଲିକ୍ ସ୍କୁଲର ୧୭ତମ ବାର୍ଷିକ କ୍ରିଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୨ଦିନ ଧରି ଚାଲିଥିବା ଏହି କ୍ରିଡ଼ା ଉତ୍ସବରେ ସବ୍‌ଜୁନିୟର, ଜୁନିୟର ଓ ସିନିୟର ଛାତ୍ରଛାତ୍ରୀମାନେ ଯୋଗଦେଇ ୧୫ଗୋଟି କ୍ରିଡ଼ା ବିଭାଗରେ ଅଂଶଗ୍ରହଣ କରି ନିଜର କ୍ରିଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ଦୁଇ ଦିନ ଧରି ଚାଲିଥିବା ଏହି କ୍ରିଡ଼ା ଉତ୍ସବକୁ ସ୍କୁଲର ନିର୍ଦ୍ଦେଶକ ଇଂ ଧନେଶ୍ୱର ସାମଲ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଇଂ ସତ୍ୟଜିତ୍ ମହାପାତ୍ର ଯୋଗଦେଇ କ୍ରିଡ଼ା ଦ୍ୱାରା ଛାତ୍ରଛାତ୍ରୀଙ୍କର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହେବା ସହିତ ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାବକୁ ପରିପ୍ରକାଶ କରିବାରେ ବାର୍ଷିକ କ୍ରିଡ଼ା ଉତ୍ସବ ଏକ ମାଧ୍ୟମ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଡ଼ ବିଶ୍ୱଜିତ୍ ମହାପାତ୍ର, ଇଂ ସାଶ୍ୱତ ପ୍ରିୟଦର୍ଶନୀ ପାଢ଼ୀ, ବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ମହାପାତ୍ର, ଉପାଧ୍ୟକ୍ଷା ଡ଼ ରାଜଶ୍ରୀ ମହାପାତ୍ର, କ୍ରିଡ଼ା ସଂଯୋଜକ ଲିପ୍‌ସା ସ୍ୱାଇଁ ଓ ଆଦ୍ୟାସା ସାହୁ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି କ୍ରିଡ଼ା ଉତ୍ସବରେ ବିଦ୍ୟାଳୟର ୭ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

# ଓଡିଶା ଶିକ୍ଷା ବିକାଶ ସମିତି ପକ୍ଷରୁ ୩୪ ତମ ପ୍ରାଦେଶିକ ଖେଳକୁଦ ସମାରୋହ ଉଦଯାପିତ



ପାରାଦୀପ,(ପି.ଏନ):ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି, ଓଡିଶା ଆନୁକୂଲ୍ୟରେ ୩୪ତମ ପ୍ରାଦେଶିକ ଖେଳକୁଦ ସମାରୋହ ସୋମବାର ଦିନ ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ ଠାରେ ଉଦଯାପିତ ହୋଇଯାଇଛି ।ଉଦଯାପନୀ କାର୍ଯ୍ୟକ୍ରମରେ କୁଜଙ୍ଗ ବିଡିଓ ସୋମ୍ୟାଶ୍ରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି କ୍ରୀଡ଼ାବିତ ମାନଙ୍କୁ ପୁରସ୍କାର ପ୍ରଦାନ କରି ପ୍ରୋତ୍ସାହିତ କରିଥିଲେ । ଓଡିଶା ଶିକ୍ଷା ବିକାଶ ସମିତି ସଂଗଠନ ମନ୍ତ୍ରୀ ରମାକାନ୍ତ ମହାନ୍ତ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବାବେଳେ ପୂର୍ବ ସମ୍ଭାଗ ସଂଯୋଜକ ଶିଶିର କୁମାର ହାତୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାନ୍ତ ଖେଳକୁଦ ପ୍ରମୁଖ ଜିତେନ୍ଦ୍ର କୁମାର ସାହୁ ପ୍ରାଦେଶିକ କ୍ରୀଡାର ବିବରଣୀ ପ୍ରଦାନ କରିଥିଲେ । ଶେଷରେ ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଉପସଭାପତି ନୃସିଂହ ପ୍ରସାଦ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କ୍ରୀଡାରେ ୧୯୮ ଜଣ କ୍ରୀଡ଼ାବିତ ଅଂଶଗ୍ରହଣ କରିଥିବାବେଳେ ୫୦ ଜଣ କ୍ରୀଡା ପରିଚାଳକ ଓ ୨୫ ଜଣ କାର୍ଯ୍ୟକର୍ତ୍ତା କ୍ରୀଡ଼ାକୁ ପରିଚାଳନା କରିଥିଲେ କ୍ଷ ପାରାଦୀପ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ଗୁରୁଜୀ ଓ ଗୁରୁମା, ସେବକ ଓ ସେବିକା, ପୂର୍ବତନ ଛାତ୍ର ପ୍ରମୁଖଙ୍କ ସହଯୋଗରେ ଏହି କ୍ରୀଡା ସମାରୋହ ସଫଳତାର ସହ ସମ୍ପର୍ଣ୍ଣ ହୋଇଥିବା ନେଇ ସୂଚନା ଦେଇଛନ୍ତି ପାରାଦୀପ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ।

# ନୟାଗଡ଼ ତହସିଲଦାରଙ୍କର ଚାଷୀ ବିରୋଧୀ ନିତୀ:ରାଷ୍ଟ୍ରୀୟ ମଜଦୁର କଂଗ୍ରେସ

ଭୁବନେଶ୍ୱର,(ପି.ଏନ):ଗତବର୍ଷ ଆର୍ଥାତ ୨୦୨୨ ମସିହାରେ ନୟାଗଡ଼ ତହସିଲଦାର ହଠାତ୍ ଜାମୁ ସାହି, କଇଥିଗାଡ଼ିଆ ଆଦି ଗ୍ରାମର ଚାଷ ଜମି ବିକ୍ରୟ ଖରିଦରେ ସମସ୍ତ କିସମର ଚାଷ ଜମିର ସରକାରୀ ବେଞ୍ଚମାର୍କ ମୂଲ୍ୟ ଅହେତୁକ ଭାବେ ବୃଦ୍ଧି କରିବା ଦ୍ୱାରା ଷ୍ଟାମ୍ପ ପେପର ଓ ରେଜିଷ୍ଟ୍ରେସନ ଫିସ ଅଧିକ ଦେବାକୁ ପଡୁଛି । ଏହି ବେଞ୍ଚମାର୍କ ମୂଲ୍ୟ ବାସ୍ତବ ମୂଲ୍ୟଠାରୁ ପ୍ରାୟ ଦଶଗୁଣ ବୃଦ୍ଧି କରାଯାଇଛି । ପ୍ରକାଶଥାଉକି ଯେଉଁ କିସମର ଚାଷ ଜମିର ମୂଲ୍ୟ ଡିସମିଲ୍ ପ୍ରତି ହାରାହାରି କୋଡ଼ିଏ ହଜାର ଟଙ୍କା ଥିଲା ତାହାର ବର୍ଦ୍ଧିତ ମୂଲ୍ୟ ଡିସମିଲ ପ୍ରତି ଦୁଇ ଲକ୍ଷ ଟଙ୍କା କରାଯାଇଛି । ଅର୍ଥାତ ଏକର ପ୍ରତି ଦୁଇକୋଟି କରାଯାଇଛି । ତେଣୁ ସାଧାରଣ ଚାଷୀ କ୍ରୟ ବିକ୍ରୟରେ ବହୁ ଅସୁବିଧାର ସମ୍ମୁଖୀ ହେଉଛନ୍ତି ଓ କ୍ରେତା ଅଧିକ ଶୁଳ୍କ ଦେବାକୁ ପଡୁଛି । ତେଣୁ ଚାଷୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ରାଜସ୍ୱ ଅଧିକାରୀଙ୍କୁ ପଚାରିଲେ କହୁଛନ୍ତି ଯେ ସେ ସମସ୍ତ ଚାଷ ଜମିକୁ ଘର ଡିହ ହିସାବରେ ନିରୁପଣ କରାଯାଇଛି । ମାତ୍ର ସେ ବିଷୟରେ କୌଣସି ଟାଉନ ପ୍ଲାନିଂ ହୋଇଥିବା କଥା ସର୍ବସାଧାରଣରେ ସୂଚନା ଦିଆଯାଇନାହିଁ । ଏପରି କରିବାର ଅଭିପ୍ରାୟ ଜଣା ପଡୁନି ସର୍ବସାଧାରଣରେ ବିନା ନୋଟିସରେ ଏପରି କରିବା ଦ୍ୱାରା ଚାଷିମାନଙ୍କୁ ନିରାଶ କରାଯାଉଛି । ଏହାଦ୍ୱାରା ଚାଷୀଠାରୁ ଚାଷୀ ଜମି କିଣି ପାରିବେନି ଚାଷ ଜମି କେବଳ ଧନୀ ଲୋକ, ବିଲ୍ଡ଼ର ଓ ଶିଳ୍ପପତିମାନେ କିଣି, ସମସ୍ତ ଚାଷ ଜମିକୁ ଅକ୍ତିଆର କରିନେବେ । ଏ ବିଷୟରେ କେତେ ଚାଷୀ ଓ ଚାଷୀ ମୂଲିଆ ସଂଘ ତହସିଲଦାର ଓ ପ୍ରଶାସନିକ ଅଧିକାରୀଙ୍କୁ ସ୍ମାରକ ପତ୍ର ପ୍ରତିକାର ପାଇ ଆବେଦନ କରିଥିଲେ ମଧ କୌଣସି ଉତର ନାହିଁ । ଏପରିକି ସୂଚନା ଅଧିକାର ଆଇନ ଅନୁସାରେ ଆବେଦନ କଲେ ମଧ କର୍ତୃପକ୍ଷ ଉତର ଦେଉନାହାନ୍ତି । ତେଣୁ ରାଜସ୍ୱ ବିଭାଗକୁ ଉଚ୍ଚ କର୍ତୃପକ୍ଷ ଏ ବିଷୟରେ ଧ୍ୟାନ ଦେଇ ସର୍ବସାଧାରଣରେ ସୂଚନା ପ୍ରଦାନ କରିବାକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ନୟାଗଡ଼ ଜିଲ୍ଲା ସଭାପତି ତଥା ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘର ରାଜ୍ୟ ସାଧାରଣ ସଂପାଦକ ସତ୍ୟବ୍ରତ ନାୟକ ଦାବୀ କରିଛନ୍ତି । ସମସ୍ୟା ସମାଧାନ ନ ହେଲେ ଆଗାମି ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ଏଥିପାଇଁ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଛା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।


MAHARISHI PUBLIC SCHOOL



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Tuesday January 31, 2023 ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୩୧, ୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ମଞ୍ଜୁରୀରୋଡ ବିଦ୍ୟାଧରସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ, ଫାଇନାଲରେ ଭଦ୍ରକ ଜେସିସି

**ଭଣ୍ଡାରିପୋଖରୀ/ଭଦ୍ରକ:** ମଞ୍ଜୁରୀରୋଡ ଡାକ୍ତରଖାନା ପଡିଆରେ ୨୯ତମ ବିଦ୍ୟାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେ ର ପ୍ରଥମ ସେମିଫାଇନାଲ ମ୍ୟାଚ ଭଦ୍ରକ ଜେସିସି ଓ ଯାଜପୁର ୧୧ ଷ୍ଟାର ମଧ୍ୟରେ ରବିବାର ଅନୁଷ୍ଠିତ ହୋଇଥିଲା। ୧୧ ଷ୍ଟାର ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୦ ରନ ସ୍କୋର କରିଥିଲା। ବ୍ୟାଟ୍ସମ୍ୟାନ ଅଭିଳାଷ ରାଉତରାୟ ୪୩ ବଲ ରୁ ୪୮ ରନ ଓ ଚନ୍ଦନ ନାୟକ ୨୯ ବଲ ରୁ ୪୩ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ବୋଲର ଜାମେଲା ଭଞ୍ଜ ମହାପାତ୍ର ୪ ଓଭର ବୋଲିଂ କରି ୨୫ ରନ ଦେଇ ୩ ଉଇକେଟ ଓ କ୍ଷମାସାଗର ବଳ ୪ ଓଭର ବୋଲିଂ କରି ୧୨ ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭଦ୍ରକ ଜେସିସି ୧୭.୩ ଓଭରରେ ୭ ଉଇକେଟ ହରାଇ ୧୪୧ ସ୍କୋର କରି ଫାଇନାଲରେ ପ୍ରବେଶ କରିଥିଲା। ବ୍ୟାଟ୍ସମ୍ୟାନ କ୍ଷମାସାଗର ବଳ ୧୨ ବଲ ରୁ ୩୪ରନ ଓ ଡଲଫିନ ଦାସ ୧୮ ବଲ ରୁ ୧୮ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ବୋଲର ନଜରୁଲ ଖାଁ ୪ ଓଭର ବୋଲିଂ କରି ୧୭ ରନ ଦେଇ ୨ ଉଇକେଟ ଓ ଚନ୍ଦନ ନାୟକ ୩ ଓଭର ବୋଲିଂ କରି ୨୯ ରନ ବିନିମୟରେ ୧ ଉଇକେଟ ଅକ୍ତିଆର କରିଥିଲେ। କ୍ଷମାସାଗର ବଳ ମ୍ୟାନ ଅଫ ଦି ମ୍ୟାଚ ବିଜେତା ହୋଇଥିଲେ। ତାଙ୍କୁ ଶୁଭମ ମୁଦି ପୁରସ୍କୃତ କରିଥିଲେ। ଗୌରାଙ୍ଗ ଚରଣ ଜେନା ମ୍ୟାଚ ରେଫରୀ, କାଳନ୍ଦି ପଣ୍ଡା ଓ ସଞ୍ଜୟ ଶତପଥି ଅମ୍ପାୟାର ଦାଇତ୍ୱ ତୁଲାଇଥିଲେ। ସେହିପରି ଶ୍ରୀକାନ୍ତ ଖଣ୍ଡାଇ ଓ ଚିନ୍ମୟ ସେନାପତି ଭାଷ୍ୟକାର ଓ ଏବଂ ଅଜୟ କୁମାର ବାରିକ ଓ ସନ୍ତୋଷ ଖଣ୍ଡାଇ ସ୍କୋରର ଦାଇତ୍ୱ ତୁଲାଇଥିଲେ। ସୋମବାର କଟକ ଆରସିସି ଓ ବାସୁଦେବପୁର ଉତ୍କଳିକା ସ୍ପୋଟିଂ ମଧ୍ୟରେ ୩ୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ଅବସର ଘୋଷଣା କଲେ ମୁରଲୀ ବିଜୟ

**ନୂଆଦିଲ୍ଲୀ:** ଭାରତୀୟ କ୍ରିକେଟର ଷ୍ଟାଇଲିସ୍ ଓପନିଂ ବ୍ୟାଟ୍ସମ୍ୟାନ୍ ମୁରଲୀ ବିଜୟ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଆଜି ଅପରାହ୍ନରେ ମୁରଲୀ ବିଜୟ ସୋସିଆଲ ମିଡିଆରେ ଏହା ଘୋଷଣା କରି ପ୍ରଶଂସକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଫେବ୍ରୁଆରିରେ ଭାରତକୁ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବାକୁ ପଡିବ। ଏମଧ୍ୟରେ ଭାରତର ଷ୍ଟାର ଖେଳାଳି ଅବସର ନେଉଥିବା ଘୋଷଣା କରିଛନ୍ତି। ୫ବର୍ଷ ହେଲା ସେ ଭାରତୀୟ ଟିମକୁ ପୁଣି ଫେରିବା ପାଇଁ ଅପେକ୍ଷା କରିଥିଲେ। ହେଲେ ଆଜି ଶେଷରେ ସେ ଅବସର ଘୋଷଣା କରିଛନ୍ତି।୩୮ ବର୍ଷର ମୁରଲୀ ବିଜୟ ଟ୍ୱିଟ କରି ଲେଖିଛନ୍ତି ଯେ ଆଜି ମୁଁ



ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରୁଛି। ୨୦୦୨ରୁ ୨୦୧୮ ପର୍ଯ୍ୟନ୍ତ ଥିବା ଯାତ୍ରା ମୋ ଜୀବନର ସର୍ବୋତ୍ତମ ମୁହୂର୍ତ୍ତ ଥିଲା କାରଣ ମୁଁ ଭାରତ ପାଇଁ କ୍ରିକେଟ ଖେଳିବାର ସୁଯୋଗ ପାଇଥିଲି। ମୁଁ ମୋ ତରଫରୁ ବିସିସିଆଇ, ତାମିଲନାଡୁ କ୍ରିକେଟ୍ ଆସୋସିଏସନ୍, ଚେନ୍ନାଇ ସୁପର କିଙ୍ଗ୍ସକୁ ଧନ୍ୟବାଦ ଦେଉଛି। ମୁରଲୀ ବିଜୟ ଆହୁରି ଲେଖିଛନ୍ତି ଯେ ମୁଁ ମୋର ସମସ୍ତ ସାଥୀ ଖେଳାଳି, ପରାମର୍ଶଦାତା, ପ୍ରଶିକ୍ଷକ, ସହାୟକ କର୍ମଚାରୀଙ୍କୁ ମଧ୍ୟ ଧନ୍ୟବାଦ ଦେଉଛି, ଯେଉଁମାନେ ମୋ କ୍ୟାରିୟରରେ ମୋତେ ବହୁତ ସାହାଯ୍ୟ କରିଥିଲେ। ମୁଁ ମୋର ପ୍ରଶଂସକମାନଙ୍କୁ ଧନ୍ୟବାଦ ଜଣାଇବି, ଯେଉଁମାନେ ମୋ କ୍ୟାରିୟରର ଉତଥାନ-ପତନ ମାଧ୍ୟମରେ ମୋତେ ସର୍ବଦା ସମର୍ଥନ କରିଆସୁଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ମୁରଲୀ ବିଭିନ୍ନ ଲିଗରେ ଅନେକ ଭୂମିକା ପାଇଁ ପ୍ରସ୍ତୁତ ଅଛନ୍ତି, ଯଦି ତାଙ୍କୁ କୌଣସି ଦାୟିତ୍ୱ ମିଳେ ତେବେ ସେ ଏହାକୁ ତୁଲାଇବେ।

# କିଟ୍ ଓ ଭାରତୀୟ ରଗ୍‌ବୀ ସଂଘ ମଧ୍ୟରେ ଚୁକ୍ତି ସ୍ୱାକ୍ଷର



ଭୁବନେଶ୍ୱର,୩୦।୧ : ରଗ୍‌ବୀର ପ୍ରଚାର ଓ ପ୍ରସାର ନିମନ୍ତେ କିଟ୍ ଓ କିସ୍ ଏବଂ ଭାରତୀୟ ରଗ୍‌ବୀ ସଂଘ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି। କିଟ୍ ହେଉଛି ଭାରତର ଏକମାତ୍ର ବିଶ୍ୱବିଦ୍ୟାଳୟ ଯିଏ କି ରଗ୍‌ବୀ ଇଣ୍ଡିଆର ପ୍ରାୟୋଜକ ହୋଇପାରିଛି। ପୂର୍ବରୁ ୩ବର୍ଷ ପାଇଁ କିଟ୍ ଓ କିସ୍ ଏବଂ ଭାରତୀୟ ରଗ୍‌ବୀ ସଂଘ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ପୁନର୍ବାର ଆଗାମୀ ୩ବର୍ଷ ପାଇଁ କିଟ୍ ଓ କିସ୍ ଭାରତୀୟ ରଗ୍‌ବୀର ପ୍ରାୟୋଜକ ହେବ ବୋଲି ଚୁକ୍ତି ସ୍ୱାକ୍ଷର ହେଲା। ରାଜ୍ୟ ସରକାର ଭାରତୀୟ ରଗ୍‌ବୀର ମୁଖ୍ୟ ପ୍ରାୟୋଜକ ରହିଥିବା ବେଳେ ଆସନ୍ତା ୩ବର୍ଷ ସକାଶେ କିଟ୍ ଓ କିସ୍ ସହ-ପ୍ରାୟୋଜକ ରହିବେ। ଏହି ବୁଝାମଣାପତ୍ରରେ କିଟ୍ ଓ କିସ୍ ପକ୍ଷରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାକ୍ଷର କରିଥିବା ବେଳେ ଭାରତୀୟ ରଗ୍‌ବୀ ସଂଘ ପକ୍ଷରୁ ଏହାର ସଭାପତି ରାହୁଲ୍ ବୋଷ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ଅନୁଯାୟୀ ଭାରତୀୟ ରଗ୍‌ବୀ ସଂଘ ପକ୍ଷରୁ ସମସ୍ତ ପ୍ରକାର ଜାତୀୟ ଓ ଅନ୍ତର୍ଜାତୀୟ ରଗ୍‌ବୀ ପ୍ରତିଯୋଗିତା, ତାଲିମ ଏବଂ ଚୟନ ଶିବିର ନିମନ୍ତେ କିଟ୍ ଓ କିସ୍ ତାର ସମସ୍ତ ଭିତ୍ତିଭୂମି ଯୋଗାଇଦେବ। ଏହା ଛଡ଼ା କିଟ୍ କ୍ୟାମ୍ପସ୍‌ରେ ଖେଳାଳି, କୋଚ୍ ଓ ଅଫିସିଆଲ୍‌ଙ୍କ ରହିବା, ଖାଇବା ବ୍ୟବସ୍ଥା ସହ ଲଜିଷ୍ଟିକ୍ ସହଯୋଗ ଯୋଗାଇ ଦିଆଯିବ। ୨୦୦୪ରୁ କିସ୍ ରଗ୍‌ବୀକୁ ପ୍ରୋତ୍ସାହିତ କରିଆସୁଛି। ଫଳରେ ଆଜି ରଗ୍‌ବୀ ସମଗ୍ର ଦେଶରେ ପରିଚିତି ଲାଭ କରିଛି। ସେଥିରେ କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି। ବୁଝାମଣା ସ୍ୱାକ୍ଷର ସମୟରେ ଭାରତୀୟ ରଗ୍‌ବୀ ୧୫-ଏସ୍ ଦଳର କୋଚ ଓ ଚୟନକର୍ତ୍ତା ନାସ ବୋଥା, କିଆନୋ ଫୁରୀ ଓ ଆଣ୍ଡ୍ରେ ଭେଣ୍ଟର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳାରେ ୪୭ଟି ନିଯୁକ୍ତି ଦାତା କମ୍ପାନୀ

କେନ୍ଦ୍ରାପଡ଼ା, (ପିଏନ)- ଓଡିଶା ସରକାରଙ୍କ ଦକ୍ଷତା ବିକାଶ ଓ ଜିଲ୍ଲା ପ୍ରଶାସନ (ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ) ଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ନିଯୁକ୍ତି ମେଳାରେ ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ନିଯୁକ୍ତି ମେଳାରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ଶ୍ରମ ଅଧିକାରୀ ହରପ୍ରିୟା ନାୟକ, ଜିଲ୍ଲା ନିଯୋଜନ ଅଧିକାରୀ ଘନଶ୍ୟାମ ସାହା ପ୍ରମୁଖ ଯୋଗ ଦେଇଥିଲେ। ଏହି ନିଯୁକ୍ତି ମେଳାରେ ୫ଟି ବ୍ଲକ ଓ କେନ୍ଦ୍ରାପଡା ପୌରାଂଚଳର ୧୭୧୫ ଜଣ ଶିକ୍ଷିତ ବେକାର ଯୁବକ, ଯୁବତୀ ମାନେ ପଞ୍ଜିକରଣ କରିଥିଲେ । ରାଜ୍ୟ ତଥା ରାଜ୍ୟ ବାହାରୁ ୪୧ ଗୋଟି ବେସରକାରୀ ନିଯୁକ୍ତି ଦାତା ସଂସ୍ଥା ଓ ୬ଟି ନିଯୁକ୍ତି ଭିତିକ ପ୍ରଶିକ୍ଷଣ ସଂସ୍ଥା ଯୋଗ ଦେଇଥିଲେ । ଏହି ମେଳାରେ ନିଯୁକ୍ତି ସଂସ୍ଥାରେ ନିଯୁକ୍ତି ପାଇଁ ମନୋନିତ୍ୱ ହୋଇଥିବା ୧୭ ଜଣ ଆଇ.ଟି.ଆଇ ଡିପ୍ଲୋମାଧାରୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇ ଥିବାବେଳେ ୧୬ ଜଣ ଅଣ ସଂଗଠିତ ଶ୍ରମିକ ଭାଇ ଭଉଣୀ ମାନଙ୍କୁ ଶ୍ରମିକକାର୍ଡ ପ୍ରଦାନ କାରଯାଇ ଥିଲା । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା କର୍ମ ନିଯୋଜନ ଅଧିକାରୀ ଶ୍ରୀ ସାହା ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ

# ଭଦ୍ରକର ସୂର୍ଯ୍ୟଶିଖା ଓ ବାରିପଦାର ଡିଆରକେ ବିଜୟୀ

ଭଦ୍ରକ, (ପିଏନ)- ଭଦ୍ରକ ଚରମ୍ପା ରେଲୱେ ଗ୍ରାଉଣ୍ଡ ଠାରେ ଚାଲିଥିବା ରାଜ୍ୟସ୍ତରୀୟ ମହାବୀର କପ୍‌ର ତୃତୀୟ ଦିବସରେ ଭଦ୍ରକର ସୂର୍ଯ୍ୟଶିଖା କ୍ଲବ ଓ ବାରିପଦାର ଡିଆରକେ ଦଳ ବିଜୟୀ ହୋଇଛନ୍ତି। ବାସନ୍ତୀ ଇନଫ୍ରାଟେଲ ଆନୁକୂଲ୍ୟରେ ଟି-୨୦ ଫର୍ମାଟରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେ ର ତୃତୀୟ ଦିବସରେ ଅନୁଷ୍ଠିତ ପ୍ରଥମ ମ୍ୟାଚ ଜଗନ୍ନାଥପୁରର ଜେସିସି କ୍ଲବ ସୂର୍ଯ୍ୟଶିଖା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିଣି ପ୍ରଥମେ ଜେସିସି ବୋଲିଂ କରିବାକୁ ନିଷ୍ପତି ନେଇଥିଲା। ସୂର୍ଯ୍ୟଶିଖା ଦଳ ପ୍ରଥମେ ବ୍ୟାଟିଂ କରି ଅରବିନ୍ଦ ସିଂଙ୍କ ୫୭ ବଲରେ ବିସ୍ଫୋରକ ୧୪୦ ବଲରେ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୦୨ ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ବୋଲର ଅଙ୍କିତ ଦାସ ୨ଟି ୱିକେଟ ନେଇଥିଲେ। ଏହାର ଜବାବରେ ଜେସିସି କ୍ଲବ ୧୬.୪ ଓଭାରରେ ୧୩୮ ରନ କରି ଅଲଆଉଟ ହୋଇ ପରାଜୟ ବରଣଣ କରିଥିଲା। ଦଳ ପକ୍ଷରୁ କ୍ଷମା ସାଗର ବଳ ସର୍ବାଧିକ ୩୭ ରନ ସଂଗ୍ରହ କରିଥିବାବେଳେ, ଜି. ସୂର୍ଯ୍ୟା, ପ୍ରିତମଜିତ ଦାସ ଓ ଅରବିନ୍ଦ ସିଂ ପ୍ରତ୍ୟେକ ୨ଟି କରି ୱିକେଟ ନେଇଥିଲେ। ଅରବିନ୍ଦ ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଉକ୍ତ ମ୍ୟାଚକୁ ଦେବବ୍ରତ ରାଉତରାୟ ଓ ବାପିନି ପାଣୀ ପରିଚାଳନା କରିଥିବାବେଳେ, କମର ଅଞ୍ଜୁମ ଖାନ ଓ ଅପର୍ଣ୍ଣା ରାଉତ ସ୍କୋରର ଦାୟିତ୍ୱ ତୁଲାଇଥିଲେ।ସେହିପରି ଦ୍ୱିତୀୟ ମ୍ୟାଚ ଭୁବନେଶ୍ୱରର ଆଇଆଇସି ଓ ବାରିପଦାର ଡିଆରକେ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡିଆରକେ ଦଳ ପ୍ରଥମେ ଟସ ଜିଣି ବୋଲିଂ କରିବାକୁ ନିଷ୍ପତି ନେଇଥିଲା। ଭୁବନେଶ୍ୱରର ଆଇଆଇସି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୫୫ ରନ ସଂକ୍ରହ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ କୁମାର ସର୍ବାଧିକ ୩୭ ରନ ସଂଗ୍ରହ କରିଥିବାବେଳେ, ପ୍ରତିବକ୍ଷ ଡିଆରକେର ଅନୁପ ପାଲ ୩ଟି ୱିକେଟ ନେଇଥିଲେ। ଏହାର ପ୍ରତ୍ୟୁ ରରେ ଡିଆରକେ ଦଳ ୧୮.୫ ଓଭରରେ ୭ ୱିକେଟ ହରାଇ୧୫୬ ରନ ସଂଗ୍ରହ କରି ୩ ୱିକେଟରେ ବିଜୟଲାଭ କରିଥିଲା।

# ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ବିୟୋଗରେ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଶୋକ

**ଭୁବନେଶ୍ୱର,:** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ବିୟୋଗରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।ଏକ ଶୋକବାର୍ତ୍ତାରେ ବାଚସ୍ପତି ଶ୍ରୀ ଆରୁଖ କହିଛନ୍ତି ସେ ପଶ୍ଚିମ ଓଡ଼ିଶାର ଏହି ଆଗଧାଡିର ରାଜନେତା ସ୍ୱର୍ଗତ ନବ କିଶୋର ଦାସଙ୍କ ବିୟୋଗରେ ପଶ୍ଚିମ ଓଡ଼ିଶା ତଥା ରାଜ୍ୟ ରାଜନୀତିରେ ଅ ପୂରଣୀୟ କ୍ଷତି ଘଟିଛି । ମନ୍ତ୍ରୀ ଓ ବିଧାୟକ ଭାବେ ତାଙ୍କ କାର୍ଯ୍ୟ ଉତ୍ତର ପିଢ଼ି ର ରାଜନେତାଙ୍କ ପାଇଁ ଅନୁକରଣୀୟ ରହିବ ବୋଲି ବାଚସ୍ପତି ଶ୍ରୀ ଆରୁଖ ପ୍ରକାଶ କରିଛନ୍ତି ।
ବାଚସ୍ପତି ଶ୍ରୀ ଆରୁଖ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।




## ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଯାପିତ

# ଓଡ଼ିଶାରେ ସର୍ଜନାର ଧାରା ଉତ୍ସାହପ୍ରଦ ଓ ଏହାକୁ ଆହୁରି କ୍ରିୟାଶୀଳ କରିବା ଆବଶ୍ୟକ :ରାଜ୍ୟପାଳ

**ଭୁବନେଶ୍ୱର,(ପିଏନ)**-ସାହିତ୍ୟ ସଭ୍ୟତାକୁ ସ୍ୱରୂପ ଦେଇଛି । ମଣିଷର ଉତ୍ତରଣରେ ସାହିତ୍ୟର ସର୍ବଗରିଷ୍ଠ ଭୂମିକା ରହିଛି । ମଣିଷକୁ ମଣିଷ କରିଛି ସାହିତ୍ୟ । ସୁତରାଂ ସାହିତ୍ୟ ସମୟର ଆହ୍ୱାନ ଓ ଆବଶ୍ୟକତାକୁ ଅଙ୍ଗୀକୃତ କରିବା ଦରକାର ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଆଜି ପୂର୍ବାହ୍ନରେ ଭୁବନେଶ୍ୱର ସାହିତ୍ୟ ପର୍ବର ଦ୍ୱିତୀୟ ଦିବସର ମୁକ୍ତ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଲାଲ ଭାରତୀୟ ଆଧାତ୍ମରେ ସାହିତ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି ।
ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଭୁବନେଶ୍ୱର ସାହିତ୍ୟ ପର୍ବରେ ଯୋଗଦେଇ ପ୍ରଫେସର ଲାଲ କହିଲେ ଯେ ସାହିତ୍ୟର ଆଭିମୁଖ୍ୟ ସର୍ବଦା ଜୀବନ ଓ ଜଗତ ପ୍ରତି ସମ୍ବେଦନଶୀଳ ଏବଂ ଏହା ଆମ ସମାଜରେ ଆସନ୍ତା ପିଢ଼ି ପାଇଁ ମାର୍ଗଦର୍ଶିକାର ଭୂମିକା ନିର୍ବାହ କରିଛି । ଓଡ଼ିଶାରେ ସର୍ଜନାର ଧାରା ଉତ୍ସାହପ୍ରଦ ବୋଲି ଅଭିହିତ କରି ରାଜ୍ୟପାଳ ପ୍ରଫେସର ଲାଲ ଏହାକୁ ଆହୁରି କ୍ରିୟାଶୀଳ କରିବା ନିମନ୍ତେ ସାହିତ୍ୟିକମାନଙ୍କୁ ଆହ୍ୱାନ ଜଣାଇଛନ୍ତି । ଜ୍ଞାନପୀଠ ବିଜେତା ପଦ୍ମ ବିଭୂଷଣ ଡ. ସୀତାକାନ୍ତ ମହାପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ସାହିତ୍ୟ ପର୍ବକୁ କଳା-ସାହତ୍ୟ-ସଂସ୍କୃତିର ମିଳନ ଉତ୍ସବ ଭାବରେ ବର୍ଣ୍ଣନା କରି ଯୁବଲେଖକମାନେ ପରମ୍ପରା ଓ ଆଧୁନିକତା ମଧ୍ୟରେ ସମନ୍ୱୟ ରକ୍ଷା କରି ଲେଖନୀ ଚାଳନା କରିବାକୁ ପରାମର୍ଶ ଦେଇଥିଲେ । ପ୍ରତିଷ୍ଠିତ ଅନୁବାଦକ ଶ୍ରୀ ସୂର୍ଯ୍ୟମଣି ଖୁଣ୍ଟିଆ ମଞ୍ଚାସୀନ ଥିଲେ । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ସଭାପତି କବି ଶ୍ରୀ ସୂର୍ଯ୍ୟ ମିଶ୍ର ସ୍ୱାଗତ ଭାଷଣ ଦେଇ ଆଧାତ୍ମିକତା ଓ ଆଧୁନିକତା ସାହିତ୍ୟର ଅସଲ ଆବେଦନ ବୋଲି ଦର୍ଶାଇଥିଲେ। ସଂପାଦିକା ସୋନାଲି ମହାପାତ୍ର ବିବରଣୀ ପାଠ କରିଥିଲେ । ଏହି ଅବସରରେ କବି ଅଜୟ ପ୍ରଧାନଙ୍କୁ 'କୈଳାସ ଲେଙ୍କା ସ୍ମୃତି ସୃଜନ ସମ୍ମାନ' ଓ ଚିତ୍ରଶିଳ୍ପୀ ଅଧ୍ୟାପକ ଅଞ୍ଜନ କୁମାର ସାହୁଙ୍କୁ 'ଦିନନାଥ ପାଠୀ ସ୍ମୃତି ଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଥିଲା । ସାହିତ୍ୟ ପର୍ବର ସ୍ମରଣିକା 'ଆସର' ଓ ସାହିତ୍ୟ ସମାଜର ବାର୍ଷିକ କବିତା ପୁସ୍ତକ ସମେତ ଅକ୍ଷୟ ପାଳ ଓ ଡ. ଦେବାଶିଷ ମହାପାତ୍ରଙ୍କ ପୁସ୍ତକ ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା ।
ପରେ ସତ୍ୟଜିତ ରାୟ ଫିଲ୍ମ ଓ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍, କୋଲକାତାର ନିର୍ଦ୍ଦେଶକ ଡ. ହିମାଂଶୁ ଖଟୁଆଙ୍କ ସହିତ ସିନେ-ଗବେଷକ ସୂର୍ଯ୍ୟ ଦେଓଙ୍କ ଆଳାପ, ଗୀତି କବିତା ସଂପର୍କିତ ଆଲୋଚନା 'ଗୀତି ସୁରେ: ମନ ଝୁରେ' ଅନୁଷ୍ଠିତ ହୋଇଥିଲା । ଏଥିରେ ନନ୍ଦ କିଶୋର ସିଂହ, ଦେବୀଦତ୍ତ ମହାନ୍ତି ଓ ଧନଞ୍ଜୟ ସ୍ୱାଇଁ ଅଂଶଗ୍ରହଣ କରିଥିବାବେଳେ ବିଜୟ ମଲ୍ଲ ସଂଯୋଜନା କରିଥିଲେ । ଓଡ଼ିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଶୀଙ୍କ ସହିତ ଇଂ. ଶ୍ରୀନିବାସ ଘଟୁଆରୀଙ୍କ ଆଳାପ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ 'ସାହିତ୍ୟ ଓ ରାଜନୀତି: ପ୍ରବୃତ୍ତିର ପରୀକ୍ଷା' ଆଲୋଚନା ଚକ୍ରରେ ଗଣେଶ୍ୱର ବେହେରା, ଗୌତମବୁଦ୍ଧ ଦାସ ଓ ଶଙ୍କର ପରିଡ଼ା ଭାଗନେଇଥିବାବେଳେ ସାମ୍ବାଦିକ ଦେବେନ୍ଦ୍ର ପ୍ରୁଷ୍ଟି ସଂଯୋଜନା କରିଥିଲେ । ବିଶିଷ୍ଟ କବି ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୭୦ରୁ ଅଧିକ କବି ଯୋଗଦେଇ ସ୍ୱରଚିତ ଲେଖା ପାଠ କରିଥିଲେ । କବି ପ୍ରବାସିନୀ ମହାକୁଡ଼ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିବାବେଳେ ମାନି ଦାଶ, ବିଜନବାଳା ପାଟଯୋଶୀ ଓ ମୌସୁମୀ ଦାସ ମିଳିତ ଭାବେ ସଂଯୋଜନା କରିଥିଲେ । ସନ୍ଧ୍ୟାରେ ଡ. ବିବେକାନନ୍ଦ ପାଣିଗ୍ରାହୀଙ୍କ ପ୍ରଯୋଜିତ ଓ ଚିନ୍ମୟ ଦାସ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଫିଚର ଫିଲ୍ମ 'ବିଶ୍ୱାସ' ପ୍ରଦର୍ଶିତ ହେବା ପରେ ପର୍ବ ଉଦ୍‌ଯାପିତ ହୋଇଥିଲା ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray